୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.261 Bhubaneswar Friday November 29 2024 | ୨୬ତମ ବର୍ଷ ସଂଖ୍ୟା–୨୬୧ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


# ନୂଆବର୍ଷ ପୂର୍ବରୁ ପି.ଏମ୍ ଆବାସର ନୂଆ ସର୍ଭେ

ଭୁବନେଶ୍ୱର,୨୮।୧୧(ପି.ଏନ): ଆସନ୍ତା ଡିସେମ୍ବର ୧୫ ତାରିଖ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ ଆବାସ-ଗ୍ରାମୀଣ)ର ନୂଆ ସର୍ଭେ ଆରମ୍ଭ ହେବ। ସବୁ ଯୋଗ୍ୟ ପରିବାରକୁ ମିଳିବ ଘର। ନିଜକୁ ଯୋଗ୍ୟ ମନେ କରୁଥିବା ସମସ୍ତ ପରିବାର ସର୍ଭେ ସମୟରେ ନିଜେ ତାଲିକାଭୁକ୍ତ ହୋଇପାରିବେ। ପ୍ରତ୍ୟେକ ଗାଁରେ ସର୍ଭେ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସଠିକ୍ ସର୍ଭେ ପାଇଁ ସମ୍ପୃକ୍ତ ବ୍ଲକ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯିବ।ସବୁ ଯୋଗ୍ୟ ପରିବାର କିଭଳି ଘର ପାଇବେ ସେଥିପାଇଁ ମଧ୍ୟ ଆବାସ ଯୋଜନାର ସର୍ତ୍ତାବଳୀକୁ ମଧ୍ୟ ସରକାର କୋହଳ କରିଛନ୍ତି। ଏପରିକି ଗ୍ରାମସଭା ଡାକି ସମସ୍ତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ଅନୁମୋଦନ କରାଯିବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଗତକାଲି ପ୍ରଥମଥର ପାଇଁ ପି.ଏମ୍ ଆବାସ ଯୋଜନାକୁ ନେଇ ଏଭଳି କିଛି ଗାଇଡଲାଇନ୍ ଜାରି କରିଛି



ପଂଚାୟତିରାଜ ବିଭାଗ।ପଂଚାୟତିରାଜ ବିଭାଗ ପକ୍ଷରୁ ଜାରି ଗାଇଡଲାଇନ୍ ଅନୁସାରେ, ପି.ଏମ୍ ଆବାସ ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇଚକିଆ ଯାନ, ଫ୍ରିଜ ଅବା ଲ୍ୟାଣ୍ଡଫୋନ୍ ଥିବା ପରିବାରକୁ ଆଉ ଅଯୋଗ୍ୟ ବିବେଚନା କରାଯିବ ନାହିଁ। ଏହାସହିତ ପରିବାରର ମାସିକ ଆୟର ସୀମା ୧୦ହଜାର ଟଙ୍କା ପରିବର୍ତ୍ତେ ୧୫ହଜାର ଟଙ୍କାକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଗୃହ ମଞ୍ଜୁର କରିବାକୁ ସରକାର ନୂଆ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି।

# ଟ୍ରେନ ତଳେ ଖଟିଆରେ ରୋଗୀ ବୁହା

ଯୋଡା,୨୮।୮(ପି.ଏନ);ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଲୋକଙ୍କୁ ମିଳିନି ରାସ୍ତା ପରି ମୌଳିକ ସୁବିଧା । ରାସ୍ତା ଅଭାବରୁ ଷ୍ଟ୍ରେଚରରେ ବୁହାହୁଏ ମଣିଷ । ଘର କଣ ଗାଁ ଦାଣ୍ଡ ଯାଏଁ ବି ଯାଇପାରେନି ଆମ୍ବୁଲାନ୍ସ । ତା ଉପରେ ପୁଣି, ଟ୍ରେନ ଧାରଣା ପାର କରିବାକୁ ଲୋକଙ୍କୁ ଅନେକ ସମୟରେ ଠିଆ ହୋଇଥିବା ଟ୍ରେନ ତଳେ ଗଳି ଯିବାକୁ ହୁଏ । ଟ୍ରେନ ତଳେ ଗଳି ଏମିତି ଯିବା ଓ ଖଟିଆରେ ରୋଗୀକୁ ଅତି ବିପଦସଙ୍କୁଳ ଅବସ୍ଥାରେ ବୋହି ନେବାରେ ରହିଛି ଫରକ । ତେବେ ରୋଗୀଙ୍କୁ ଟ୍ରେନ ତଳେ ଷ୍ଟ୍ରେଚରରେ ବୋହି ନେବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସବୁ ଗଣମାଧ୍ୟମର ଶିରୋନାମା ପାଲଟିଛି । ଏହି ଭାଇରାଲ ଭିଡିଓ ୨୪ ବର୍ଷର ସ୍ଥିର ଦେଖିଥିବା ଓଡିଶାର ।କେନ୍ଦୁଝର ଜିଲ୍ଲା ଯୋଡା



ଲହଣ୍ଡାମୁଣ୍ଡା ସାହି ଆଜି ମଧ୍ୟ ମୌଳିକ ସୁବିଧା, ସୁଯୋଗରୁ ବଞ୍ଚିତ । ଏଠି ଗାଁକୁ ରାସ୍ତା ଖଣ୍ଡିଏ ନାହିଁ ତ ଅନ୍ୟ ସୁବିଧା ସୁଯୋଗ କଥା କହିବା ବାହୁଲ୍ୟ । ତେବେ ଏହି ସାହିର ଗୋବିନ୍ଦ ମୁଣ୍ଡା ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଡକାଯାଇଥିଲା । ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ଏକ କିଲୋମିଟର ଦୂରରେ ଅଟକିଥିଲା । ତେଣୁ ଗ୍ରାମବାସୀ ଗୋବିନ୍ଦଙ୍କୁ ଖଟିଆରେ ଆମ୍ବୁଲାନ୍ସ ଯାଏ ବୋହି ନେଇଥିଲେ ।କିନ୍ତୁ ଗାଁ ଆଉ ଆମ୍ବୁଲାନ୍ସ ମଝିରେ ପଡିଥିଲା ରେଳ ଧାରଣ ଓ ସେତେବେଳେ ଧାରଣା ଉପରେ ଏକ ଟ୍ରେନ ଅଟକି ରହିଥିଲା । ଏହା ଦେଖି ଲୋକେ କଣ କରିବେ ବୋଲି ସବୁ ଦିନ ପରି ଟ୍ରେନ ତଳେ ରୋଗୀକୁ ଖଟିଆରେ ଆଣ୍ଠେଇ, ପେଟେଇ ପାର କରିଥିଲେ ଓ ଆମ୍ବୁଲାନ୍ସ ଯାଏ ନେଇଥିଲେ । ଏଠି ପ୍ରଶ୍ନ ଉଠୁଛି ଯଦି ସେହି ସମୟରେ ଟ୍ରେନ ଗଡିବା ଆରମ୍ଭ କରିଥାନ୍ତା ତେବେ କଣ ହୋଇଥାନ୍ତି ଗୋବିନ୍ଦ ତଥା ତାଙ୍କୁ ବୋହି ନେଉଥିବା ଲୋକଙ୍କର ?

## ବାଙ୍କୀ ପୁଲିସ୍‌ର ଅଜବ ସର୍ତ୍ତ: ଅଭିଯୁକ୍ତଙ୍କୁ ଧରିବା ପାଇଁ ବୋଲେରୋ ଓ ଟଙ୍କା ଦିଅ !

ଭୁବନେଶ୍ୱର,୨୮।୧୧(ପି.ଏନ):ତୁମେ ପଇସା ଦିଅ। ବୋଲେରୋ କର। ଆମେ ଯିବୁ...। ଅଭିଯୁକ୍ତ ପ୍ରେମିକ ପ୍ରବରଙ୍କୁ ଧରିବା ପାଇଁ ବାଙ୍କୀ ଥାନା ପୁଲିସ୍ ଏପରି ଅଜବ ସର୍ତ୍ତ ରଖିଥିବା ପୀଡିତା ଅଭିଯୋଗ କରିଛନ୍ତି। ପୁଲିସ୍‌ର ସବୁ ସର୍ତ୍ତରେ ରାଜି ହୋଇଥିଲେ ପୀଡିତା। ଟଙ୍କା ଓ ବୋଲେରୋ ଦେବେ ବୋଲି କହିଥିଲେ ସୁଦ୍ଧା ପୁଲିସ୍ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରୁନଥିବା ପୀଡିତା ଆଜି କ୍ଷୋଭର ସହ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଅମୀୟଚକ୍ର ରାଜଧାନୀ ଭୁବନେଶ୍ୱରରେ ଏକ କମ୍ପାନୀରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ଆତଙ୍କବାଦୀ ଧମକ

ଭୁବନେଶ୍ୱର,୨୮।୧୧(ପି.ଏନ): ଭୁବନେଶ୍ୱରରେ ଆୟୋଜିତ ହେବାକୁଥିବା ଡିଜିପି ସମ୍ମିଳନୀକୁ ଆତଙ୍କବାଦୀ ଧମକ ମିଳିଛି। ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ଧମକ ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ସେ ଧମକ ଦେଇଛନ୍ତି। ସମ୍ମିଳନୀ ପଣ୍ଡ କରିବାକୁ ଭିଡିଓ ବାର୍ତ୍ତାରେ ତାଙ୍କର ଧମକ ମିଳିଛି। ସେହିପରି ପୁଲିସ କମିସନର ସୁରେଶ ଦେବଦତ୍ତ ପ୍ରେସମିଟ୍ କରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିସନର କହିଛନ୍ତି ବହୁସ୍ତରୀୟ ସୁରକ୍ଷା ବଳୟରେ ରାଜଧାନୀ ଭୁବନେଶ୍ୱର ରହିବ। ଭୁବେନଶ୍ୱରରେ ୭୦ ପ୍ଲାଟୁନରୁ ଅଧିକ ଫୋର୍ସ ମୁତୟନ ରହିବେ। ରାଜ୍ୟ ପୋଲିସ, ସଶସ୍ତ୍ର ବାହିନୀ ଓ କେନ୍ଦ୍ରୀୟ ସଶସ୍ତ୍ର ବଳ ମୁତୟନ ହୋଇଛନ୍ତି। ସୁରକ୍ଷା ପାଇଁ ଆଣ୍ଟି ଟେରର ଫୋର୍ସ ସଜାଗ ରହିବେ। ରାଜ୍ୟ ଓ କେନ୍ଦ୍ର ଗୁଇନ୍ଦା ସଂସ୍ଥା ରାଜଧାନୀ ଉପରେ କଡା ନଜର ରଖିବେ ବୋଲି କମିସନର କହିଛନ୍ତି ।

# ଝାଡ଼ଖଣ୍ଡରେ ନୂଆ ସରକାର, ଶପଥ ନେଲେ ହେମନ୍ତ ସୋରେନ



ଭୁବନେଶ୍ୱର,୨୮।୧୧(ପି.ଏନ): ନିର୍ବାଚନ ଫଳାଫଳ ଆସିବାର ପାଞ୍ଚ ଦିନ ପରେ ଆଜି ଝାଡ଼ଖଣ୍ଡକୁ ମିଳିଛି ନୂଆ ସରକାର। ରାଜ୍ୟପାଳ ସାନ୍ତୋଷ ଗଂଗୱାର ଝାଡଖଣ୍ଡର ୧୪ଶ ମୁଖ୍ୟମନ୍ତ୍ରୀ ଭାବରେ ହେମନ୍ତ ସୋରେନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ରାଞ୍ଚିର ମୋରହାବାଦୀ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ହେମନ୍ତ ସୋରେନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ନିଜ ଚତୁର୍ଥ ଇନିଂସ୍ ଆରମ୍ଭ କରିଛନ୍ତି।ମୁଖ୍ୟମନ୍ତ୍ରୀଙ୍କ ସମେତ ୬ରୁ ୮ ଜଣ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ଆଜି ଶପଥ ନେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ତାହା ହୋଇ ନଥିଲା। କୌଣସି ମନ୍ତ୍ରୀ ଆଜି ହେମନ୍ତଙ୍କ ସହିତ ଶପଥ ନେଇ ନାହାନ୍ତି। ହେମନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ତାଙ୍କ ପିତା ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୁଖ୍ୟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ ମଧ୍ୟ ଉପସ୍ଥିତ ଥିଲେ। ହେମନ୍ତ ସରକାର ଗଠନ ଅବସରରେ ଇଣ୍ଡିଆ ମେଣ୍ଟର ନେତାମାନେ ପହଞ୍ଚି ଶକ୍ତି ପ୍ରଦର୍ଶନ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ଶପଥ ଗ୍ରହଣ ଉତ୍ସବରେ ପହଞ୍ଚିଥିଲେ।

# ୬ ମାସ ପରେ ଏକାଠି ନବୀନ-ପାଣ୍ଡିଆନ, ଭୋଜିକୁ ଯାଇ ପ୍ଲେଟ ଧରି ଖାଇଲେ ଗୁପଚୁପ


ଭୁବନେଶ୍ୱର,୨୮।୧୧(ପି.ଏନ): ଭୋଜିକୁ ଯାଇ ଗୁପଚୁପ ଖାଇଲେ ଭିକେ ପାଣ୍ଡିଆନ । ନବୀନ ଯାଇଥିବା ବେଳେ ପାଣ୍ଡିଆନ ସେଠାରେ ପହଞ୍ଚିଥିଲେ । ଚାରିପଟେ ବୁଲି ବୁଲି ମଜା ନେବା ସହ ଖାଇଲେ ଗୁପ୍‌ଚୁପ୍ । ଏହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତେବେ ନବୀନଙ୍କ ଗୁପଚୁପ ଠାରୁ ପାଣ୍ଡିଆନ ସର୍ବସମ୍ମୁଖକୁ ଆସିବା ଚର୍ଚ୍ଚାକୁ ଦ୍ୱିଗୁଣିତ କରିଛି ।ମାତ୍ର ୬ ମାସ ଭିତରେ ସାମ୍ନାକୁ ଆସିଲେ ପାଣ୍ଡିଆନ । ଯେଉଁ ଭୋଜିରେ ନବୀନ ସେହି ଭୋଜିରେ ପାଣ୍ଡିଆନ । ତେବେ ଭୋଜିରେ ନବୀନ ଗୁପ୍ ?ଚୁପ୍ ଖାଇଲେ ପାଣ୍ଡିଆନ ମଧ୍ୟ ଗୁପ୍ ?ଚୁପ୍ ଖାଇଲେ । ଖବର ମୁତାବିକ ବିଜେଡି ନେତା ବା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ



ଝିଅ ବାହାଘରରେ ଭିକେ ପାଣ୍ଡିଆନ ଏବଂ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ । ଯେଉଁଠାରେ ଉଭୟଙ୍କୁ ଦେଖି ସବୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଭୋଜିରେ ବୁଲି ବୁଲି ଖାଇବା ଖାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।ପ୍ଲେଟ ଧରି ଗୁପଚୁପ ଖାଇଲେ । ମୁଁ ଗୁପଚୁପ ଖାଇବି ବୋଲି କହି ଗୁପଚୁପ ଷ୍ଟଲ ପାଖକୁ ଯାଇଥିଲେ । ତେବେ ଗୋଟିଏ ଗୁପଚୁପ ଖାଇବା ପରେ ୱାନ ମୋର ପ୍ଲିଜ ବୋଲି ମାଗି ଗୁପଚୁପ ଖାଇଥିଲେ । ବିଜେଡି ନିର୍ବାଚନ ହାରିବା ପରେ ପାଣ୍ଡିଆନ ଅଣସର ଘରେ ରହିଥିଲେ । କାହାରିକୁ ଦେଖା ଦେଉ ନଥିଲେ । ହେଲେ ଏବେ ପାଣ୍ଡିଆନଙ୍କ ଅଣସର ସମ୍ପନ୍ନ ହୋଇଛି । ୬ ମାସର ଅଣସର ପରେ ସେ ସର୍ବସମ୍ମୁଖକୁ ଆସିଛନ୍ତି । ଲୋକଙ୍କୁ ହସ ହସ ମୁହଁରେ ଦର୍ଶନ ଦେଇଛନ୍ତି ପାଣ୍ଡିଆନ ବାବୁ । ଭୋଜିରେ ନବୀନଙ୍କୁ ଦେଖି ବହୁତ ଖୁସି ହୋଇଯାଇଥିଲେ ।

# ରାଜଧାନୀରେ ଚାଲିଥିଲା ସେକ୍ସ ରାକେଟ୍; ୪ ଯୁବତୀ ଉଦ୍ଧାର

ଭୁବନେଶ୍ୱର,୨୮।୧୧(ପି.ଏନ): ବାଂଲାଦେଶୀ ନାବାଳିକାଙ୍କୁ ନେଇ କଟକ-ଭୁବନେଶ୍ୱରରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଆଜି ଖଣ୍ଡଗିରିରେ ଠାବ ହୋଇଛି ସେକ୍ସ ରାକେଟ୍। ଦୀର୍ଘ ଦିନ ଧରି ସେଠାରେ ସେକ୍ସ ରାକେଟ୍ ଚାଲିଥିବା ଅଭିଯୋଗ ହୋଇଛି। ନୟାଗଡର ରାଣୀ ମହୁମାଛି ଯୁବତୀମାନଙ୍କୁ ଦେହ ବେପାର କାର୍ଯ୍ୟରେ ନିୟୋଜିତ କରିଥିବା ଚର୍ଚ୍ଚା ହେଉଛି।



କମିସନରେଟ୍ ପୁଲିସ୍ ୪ ଯୁବତୀଙ୍କୁ ଉଦ୍ଧାର କରିଥିବା ବେଳେ ରାଣୀ ମହୁମାଛି ଚମ୍ପଟ ମାରିଛି ।ଖଣ୍ଡଗିରିରେ ଦୀର୍ଘ ଦିନ ଧରି ଚାଲିଥିଲା ସେକ୍ସ ରାକେଟ। ନୟାଗଡ ଅଞ୍ଚଳର ଜଣେ ମହିଳା ଘର ଭଡା ନେଇ ୪ ଯୁବତୀଙ୍କୁ ରଖି ଦେହ ବେପାର କାମରେ ନିୟୋଜିତ କରୁଥିଲେ। ବହୁ ନାମୀଦାମୀ ଲୋକେ ଦେହର ଶୁଖ ନେବା ପାଇଁ ପ୍ରତି ସନ୍ଧ୍ୟାରେ ସେଠାରେ ଭିଡ ଜମାଉଥିବା ଅଭିଯୋଗ ହୋଇଥିଲା। ବିଶେଷ ସୂତ୍ରରୁ ଖବର ପାଇଁ ଆଜି କମିସନରେଟ୍ ପୁଲିସ୍ ସେହି ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘର ଭିତରେ ୪ ଯୁବତୀ ଥିବା ଦେଖିବାକୁ ପାଇଥିଲା।

# ମହାରାଷ୍ଟ୍ର ବିପର୍ଯ୍ୟୟ ପାଇଁ କଂଗ୍ରେସକୁ ଦାୟୀ କଲା ଟିମ ଠାକରେ

ଭୁବନେଶ୍ୱର,୨୮।୧୧(ପି.ଏନ): ମହାରାଷ୍ଟ୍ରରେ କଂଗ୍ରେସର ଅଧିକ ଆତ୍ମବିଶ୍ୱାସ ଓ ସିଟ ଶେୟାରିଂ ବେଳେ କଂଗ୍ରେସର ଆଭିମୁଖ୍ୟ ନିର୍ବାଚନରେ ବିରୋଧୀ ମେଣ୍ଟ ମହା ବିକାଶ ଅଘାଡିକୁ କ୍ଷତି ପହଞ୍ଚାଇଛି। କିଛି ଏଭଳି ଢଙ୍ଗରେ ମତ ରଖି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିରୋଧୀ ମେଣ୍ଟ ଏମଭିଏର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କଂଗ୍ରେସକୁ ଦାୟୀ କରିଛି ଟିମ ଠାକରେ।ଉଦ୍ଧବ ଠାକରେଙ୍କ ଶିବସେନାର ଅମ୍ବାଦାସ ଦାନଭେ ଏପରି ମତ ରଖିଛନ୍ତି। ଦାନଭେ ମହାରାଷ୍ଟ୍ର ବିଧାନ ପରିଷଦର ବିରୋଧୀ ଦଳ ନେତା ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କ କହିବା କଥା ଯେ ମହା ବିକାଶ ଅଘାଡି ବିଧାନସଭା ନିର୍ବାଚନରେ ଉଦ୍ଧବ



ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିବାର ଥିଲା ।ସେ କହିଛନ୍ତି, " ଲୋକସଭା ନିର୍ବାଚନ ପରେ କଂଗ୍ରେସ ହରିୟାଣା ଓ ଜମ୍ମୁ-କଶ୍ମୀର ଭଳି ମହାରାଷ୍ଟ୍ରରେ ମଧ୍ୟ ଅତ୍ୟଧିକ ଆତ୍ମବିଭୋର/ଆତ୍ମବିଶ୍ୱାସ ହୋଇପଡିଥିଲା। ଏହା ନିର୍ବାଚନ ଫଳାଫଳରେ ମଧ୍ୟ ଦେଖିବାକୁ ମିଳିଛି। ସିଟ ଶେୟାରିଂ ବୁଝାମଣା ବେଳେ କଂଗ୍ରେସର ଆଭିମୁଖ୍ୟ ଆମକୁ ଆଘାତ ପହଞ୍ଚାଇଥିଲା।

# ଆଳୁ ବାଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋଇଛନ୍ତି ବାଧକ !

ଭୁବନେଶ୍ୱର,୨୮।୧୧(ପି.ଏନ): ଭାଇଙ୍କ କଥାରେ ଦିଦି ରାଜ୍ୟକୁ ଆଳୁ ଯୋଗାଣ ବନ୍ଦ କରିଛନ୍ତି । ଏମିତି କହିଛନ୍ତି ଓଡିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଓଡିଶାକୁ ଆଳୁ ସପ୍ଲାଇ ବନ୍ଦ କରିଛି ପଶ୍ଚିମବଙ୍ଗ ସରକାର । ଗତକାଲିଠାରୁ ପଶ୍ଚିମ ବଙ୍ଗ ପୋଲିସ ଆଳୁ ଟ୍ରକକୁ ଜଗିଛନ୍ତି । ଫଳରେ ତନଖି ଫାଟକ ଦେଇ ଓଡିଶା ଭିତରକୁ ଆଳୁ ଗାଡି ଆସିପାରୁ ନାହିଁ ।ମମତା ବାନାର୍ଜୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ରୋଷେଇଶାଳାର ଏହି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ନିୟନ୍ତ୍ରଣ କରିବାକୁ ବାହାର ରାଜ୍ୟକୁ ଆଳୁ ଏକ୍ସପର୍ଟ



କରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାର ସମ୍ମୁଖରେ ରହିଛି ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ । ନିର୍ବାଚନକୁ ଦୃଷ୍ଟିରେ ରଖି ଦିଦି ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ନ ହେବା ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଏପରି ହେଲେ ସରକାର ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇବ ଓ ସରକାରକୁ ବହୁ ମୂଲ୍ୟ ଦେବାକୁ ହେବ । ଏହା ପୂର୍ବରୁ ମଧ୍ୟ ଦୁଇ ମାସ ତଳେ ଦିଦି ସମାନ ନିଷ୍ପତ୍ତି ନେଇଥିଲେ ।ତେବେ ଦିଦି ବର୍ତ୍ତମାନ ପାଇଁ ନିଜ ରାଜ୍ୟର ଆଳୁ ଚାହିଦାକୁ ଦୃଷ୍ଟିରେ ରଖି ଆଳୁ ରପ୍ତାନୀ ବନ୍ଦ କରିଥିବା ବେଳେ କିନ୍ତୁ ନୂଆ ଆଳୁ ଆସିବା ପରେ ପୁଣି ଆଳୁ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି । ସେପଟେ ବର୍ତ୍ତମାନ ଆମ ରାଜ୍ୟର ବ୍ୟବସାୟୀଙ୍କ ନିକଟରେ କିଛି ଆଳୁ ଷ୍ଟକ ରହିଛି । ଏହା କିଛି ଦିନ ଚଳାଇ ଦେବ ବୋଲି ଛତ୍ରବଜାର ଆଳୁ ସଂଘର ସଭାପତି କହିଛନ୍ତି ।

# ଆସିଲା ହାତୀ ଗଣନା ରିପୋର୍ଟ; ବର୍ଷକରେ ବଢ଼ିଛନ୍ତି ମାତ୍ର ୫ ହାତୀ

ଭୁବନେଶ୍ୱର,୨୮।୧୧(ପି.ଏନ): ଆସିଲା ରାଜ୍ୟର ହାତୀ ଗଣନା ରିପୋର୍ଟ । ରାଜ୍ୟର ୩୮ଟି ଡିଭିଜନରେ ବର୍ତ୍ତମାନ ୨୧୦୩ ହାତୀ ଅଛନ୍ତି । ରାଜ୍ୟରେ ବର୍ଷକରେ ମାତ୍ର ୫ଟି ହାତୀ ବଢ଼ିଥିବା ରିପୋର୍ଟରୁ ପ୍ରକାଶ ।ସରିଲା ଶୀତକାଳୀନ ହାତୀ ଗଣନା । ରାଜ୍ୟରେ ମୋଟ୍ ୩୩୪ଟି ବଡ ଦନ୍ତା ହାତୀ, ୧୨ଟି ବଡ ମାଖନା ହାତୀ, ୬୭୮ଟି ମାଇ ହାତୀ ଓ ୪୦୩ଟି ଛୁଆ ହାତୀ ଅଛନ୍ତି । ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୧୯୧, କେନ୍ଦୁଝର ଡିଭିଜନରେ ୧୬୦, ଆଠଗଡ ଡିଭିଜନରେ ୧୨୪, ଦେଓଗଡ ଡିଭିଜନରେ ୧୨୩ ଏବଂ ଅନୁଗୁଳ ଡିଭିଜନରେ ୧୧୭ଟି ହାତୀ ଅଛନ୍ତି । କିନ୍ତୁ ୧୩ଟି ଡିଭିଜନରେ ଗୋଟିଏ ବି ହାତୀ ନାହାଁନ୍ତି । ରିପୋର୍ଟ ଅନୁସାରେ ରାଜ୍ୟରେ ହାତୀଙ୍କ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଛି । ପୂର୍ବରୁ ହୋଇଥିବା ହାତୀ ଗଣନା ପରେ ଚଳିତ ହାତୀ ଗଣନା ମଧ୍ୟରେ ୪୮ ହାତୀ ପ୍ରାଣ ହରାଇଥିବା ଜଣାପଡିଛି । ହାତୀ ଗଣନା ଯେପରି ଦୁଇ ଥର ନ ହୁଏ ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା । ଜିପିଏସ୍ ମାଧ୍ୟମରେ ହାତୀ ସଂଖ୍ୟା ନିର୍ଣ୍ଣୟ କରାଯାଇଛି । ପୂର୍ବ ଗଣନାରେ ରାଜ୍ୟରେ ମୋଟ୍ ୨ ହଜାର ୯୮ଟି ହାତୀ ଥିବା ଜଣାପଡିଥିଲା ।










# ଟି ଟାଇମ୍



## ଜୋକ୍ସ

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ’ଣ ରହିଲା।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବିଂକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ଆଜିର ଭାଗ୍ୟ

**ମେଷ**: କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ**: କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ**: କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ**: ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ**: ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା**: ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପ୍ରତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା**: ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା**: ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ**: ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର**: ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ**: କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ**: ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେର୍କ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ।

# ଚର୍ଚ୍ଚାରେ ‘ହରାମ୍‌ଖୋର’

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।



# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଗାପୁରର ବଡଗାଉଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାସ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।




# ରଙ୍ଗ ନୁହେଁ ନାମ ପରିବର୍ତନ ଦରକାର







ଜାନୁଆରୀ ୨୬ରେ ଯେତେବେଳେ ସମଗ୍ର ଦେଶ ଗଣତନ୍ତ୍ର ଦିବସ ପାଳନ କରୁଥିଲା, ୭୩ତମ ଗଣତନ୍ତ୍ର ଦିବସରେ ଜଣେ ଅନ୍ୟ ଜଣଙ୍କୁ ଶୁଭେଚ୍ଛା ଜଣାଉଥିଲା ଠିକ୍ ସେହି ସମୟରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସ୍ଥିତ କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିବା ଯୁବକଙ୍କୁ ପୋଲିସ ଗିରଫ କରିନେଇଥିଲା । ଏବେ ତ୍ରିରଙ୍ଗା ଉତୋଳନ କରିବାର ଦଣ୍ଡ ଗିରଫଦାରୀ ? ୩୦ ବର୍ଷ ପରେ ଶ୍ରୀନଗର ଲାଲଚୌକ ଅଂଚଳରେ ଥିବା କ୍ଲକ ଟାୱାର ବା ଘଂଟାଘର ଉପରେ ଯଦି ସେହି ସମୟରେ ଜାତୀୟ ପତାକା ଉଡା ଯାଇ ପାରିଲା ତେବେ କୋଠାପେଟରେ କାହିଁକି ତ୍ରିରଙ୍ଗା ଉଡାଯାଇପାରିଲା ନାହିଁ ! ସୂଚନାଯୋଗ୍ୟ ଯେ, ଘଂଟାଘର ଉପରେ ୩୦ ବର୍ଷ ପୂର୍ବେ ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଯୋଶୀ ୧୯୯୨ ମସିହାରେ ଜାତୀୟ ପତାକା ଉତୋଳନ କରିଥିଲେ । ଏବେ ଚର୍ଚ୍ଚା ଚାଲିଛି ତ୍ରିରଙ୍ଗା ନୁହେଁ ଜିନ୍ନା ଟାୱାର ସମ୍ମାନ ପାଇଁ କିଛି ଲୋକ ଲାଗିଛନ୍ତି । କୋଠାପେଟରେ ଜାତୀୟ ପତାକା ଉତୋଳନ କରିବାକୁ ଅନ୍ୟ କେହି ଅଟକାଇ ନଥିଲେ । ଦେଶର ଆଇନ ରକ୍ଷକମାନେ ତାଙ୍କୁ ଅଟକାଇ ଥିଲେ । ପୋଲିସ କହୁଛି କୋଠାପେଟ ଅଂଚଳରେ ନିଷେଧାଜ୍ଞ ଜାରି କରାଯାଇଥିଲା । ଏଠାରେ ପତାକା ଉତୋଳନ କଲେ ପରିବେଶ ଖରାପ ହୋଇଥାନ୍ତା । ଯୁବକମାନେ ନିଷେଧାଦେଶ ଉଲ୍ଲଂଘନ କରି ଜିନ୍ନା ଟାୱାର ଉପରେ ପତାକା ଉତୋଳନ କରିବାକୁ ଯାଉଥିଲେ ତେଣୁ ତାଙ୍କୁ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଇ ପରେ ଛାଡି ଦିଆଯାଇଛି । ପୋଲିସର ସଫେଇ ଯାହା ହେଉନା କାହିଁକି, ଜିନ୍ନାଙ୍କ ସମ୍ମାନରେ ତ୍ରିରଙ୍ଗାର ଅପମାନ ଠିକ୍ ହେଲା ନାହିଁ ।

ଏବେ ପ୍ରଶ୍ନ ଉଠୁଛି ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଯାଉଥିଲେ ସେମାନେ ମହତ୍ କାର୍ଯ୍ୟ କରୁଥିଲେ ନା ଦେଶଦ୍ରୋହୀ କାର୍ଯ୍ୟ କରୁଥିଲେ ? ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସ୍ଥିତ କୋଠାପେଟ ଭାରତରେ ନା ଭାରତ ବାହାରେ ? ତେବେ କଣ ପାଇଁ ଏଭଳି ମହାନ କାମ କରିବାକୁ ଯାଉଥିବା ଯୁବକମାନଙ୍କୁ ଅଟକାଇ ଦିଆଗଲା ? ତ୍ରିରଙ୍ଗା ଉତୋଳନ କରିବା କଣ ଅପରାଧ ? ଜିନ୍ନା ଟାୱାର ସମ୍ମାନ ବଡ ନା ତ୍ରିରଙ୍ଗାର ସମ୍ମାନ ବଡ ? ଜିନ୍ନା ଟାୱାର ସମ୍ମାନ ରଖିବା ଚକରରେ ଏଠି ଜାତୀୟ ପତାକାକୁ ଅପମାନ କରାଯାଇଛି । ଦୁଃଖର ବିଷୟ ଆଜି ବି କିଛି ରାଜନୈତିକ ଦଳ ଜିନ୍ନାଙ୍କୁ ସର୍ଦ୍ଦାର ପଟେଲଙ୍କ ସହୁତ ତୁଳନା କରୁଛନ୍ତି । ଜିନ୍ନା ଚୌକ, ଜିନ୍ନା ଟାୱାର, ଟିପୁ ସୁଲତାନ ମୈଦାନ ଆଦି ନାମ କରଣକୁ ରଖିବାକୁ ଚାହୁଁଛନ୍ତି । ଭୋଟ ବ୍ୟାଙ୍କ ଚକରରେ ତାଲିବାନର ଗୁଣଗାନ, ଜିନ୍ନା ମହାନ କହିବାକୁ ବାଧ ହେଉଛନ୍ତି । ତୁଷ୍ଟିକରଣ ଭାଇରସ ଯୋଗୁଁ ଏପରି ହେଉଛି । ସ୍ୱାଧୀନତାର ୭୪ ବର୍ଷ ବିତି ଯାଇଥିଲେ ମଧ କାହିଁକି ଆମେ ଦେଶ ବିଭାଜନକାରୀଙ୍କ ନାମକୁ ଜପାମାଳି କରି ରଖିବା । ଏବେ ପ୍ରଶ୍ନ ଉଠୁଛି କେଉଁଦିନ ଟିପୁ ସୁଲତାନ ମୈଦାନ ନାମ ହଟାଇ ଦିଆଯିବ ? କେଉଁ ଦିନ ଜିନ୍ନା ଟାୱାର ନାମ ହଟାଇ ଦିଆଯିବ ?

ମହମ୍ମଦ ଅଲ୍ଲୀ ଜିନ୍ନା ହେଉଛନ୍ତି ଭାରତକୁ ଭାଗ ଭାଗ କରିଥିବା ବ୍ୟକ୍ତି । ସେ ଦେଶର ବିଭାଜନ ପାଇଁ ଦାୟୀ । ଜିନ୍ନାଙ୍କ ଯୋଗୁଁ ଭାରତର ଯେଉଁ ବିଭାଜନ ହେଲା ସେହି ସମୟରେ ଲକ୍ଷ ଲକ୍ଷ ଜନତାଙ୍କ ଜୀବନ ଯାଇଛି । କୋଟି କୋଟି ଲୋକ ବେଘର ହୋଇ ଯାଇଛନ୍ତି । ସେହି ବିଭାଜନର କ୍ଷତ ଏପର୍ଯ୍ୟନ୍ତ ଶୁଖିନାହିଁ । ଜିନ୍ନା ଟାୱାର ଆମ ଦେଶ ପାଇଁ କି କାମରେ ଲାଗିବ ? ଆଗାମୀ ପିଢିମାନେ ଜିନ୍ନା ଟାୱାର ଦେଖି ଦେଶପ୍ରେମ ନା ଦେଶଦ୍ରୋହ କଥା ଶିଖିବେ ? ସ୍ୱାଧୀନତା ପାଇବାର ଅନେକ ଦିନ ବିତି ଯାଇଥିଲେ ମଧ ଆମେ କେଉଁଠାରେ ପହଁଚିଛୁ ? ମୌଳିକ ଅଧିକାରର କଥା ସବୁବେଳେ କହୁଛୁ ହେଲେ ଗୁଣ୍ଟୁରରେ ଯେଉଁମାନେ ଜାତୀୟ ପତାକା ଉତୋଳନ କରିବାକୁ ଗଲେ ସେମାନଙ୍କର ମୌଳିକ ଅଧିକାର କୁଆଡେ ଗଲା ? ଏଠି ସେକୁଲାରଜିମ ଆଡରେ ସଂଖ୍ୟାଲଘୁ ତୁଷ୍ଟିକରଣକୁ ଆପି ଦିଆଯାଉଛି । ଭାରତୀୟ ସଂସ୍କୃତି, ବିଚାରକୁ ଥଟ୍ଟାଗାଜରେ ଉଡାଇ ଦିଆଯାଉଛି । ସଂଖ୍ୟାଲଘୁ ସୁରକ୍ଷା ଆଳରେ ସେମାନେ କରୁଥିବା ବଡ ବଡ ଘଟଣାକୁ ମାଫ୍ କରି ଦିଆଯାଉଛି । ସ୍କୁଲ କଲେଜ ଯାଉଥିବା ଛୋଟ ପିଲାଙ୍କ ସହିତ ତୁଳନା କରି ଛାଡି ଦିଆଯାଉଛି । ସେଇଥିପାଇଁ ସେମାନେ ଦେଶ ବିରୋଧରେ ଯାଇ ଚିକେନନେକକୁ ଅଲଗା କରିବା ପାଇଁ କହୁଛନ୍ତି, ସୀମା ଆରପଟେ ଥିବା ବିରୋଧୀଙ୍କ ସପକ୍ଷରେ କଥା କହୁଛନ୍ତି । ଏହା ରାଷ୍ଟ୍ରବାଦ ନୁହେଁ ଅରାଷ୍ଟ୍ରବାଦ । ଗୁଣ୍ଟୁରରେ ଜାତୀୟ ପତାକା ଉତୋଳନ କରିବାକୁ ଅଟକାଇ ଦିଆଗଲା, ସେଥିପାଇଁ ଦେଶର ପ୍ରତ୍ୟେକ ନାଗରୀକଙ୍କ ମନରେ ଦୁଃଖ ଆସିବା ଦରକାର ।

ସେଦିନର କେଇଜଣ ଯୁବକମାନଙ୍କର ଆନ୍ଦୋଳନ ଯୋଗୁଁ ଆଜି ଜିନ୍ନା ଟାୱାର ରଙ୍ଗ ବଦଳି ଯାଇଛି । ଏହି ଜିନ୍ନା ଟାୱାର ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ ହୋଇଛି । ଏଥିସହିତ ଜାତୀୟ ପତାକା ଉତୋଳନ ପାଇଁ ମଧ ବ୍ୟବସ୍ଥା ହୋଇଛି । ଏସବକୁ କାମ ପାଇଁ କିଛି ନେତା ବିଜେପି ଉପରେ ଦୋଷ ଲଦୁଛନ୍ତି । ଗୁଣ୍ଟୁର ମେୟର କବିତା ମନୋହର କହୁଛନ୍ତି ଯେ କିଛିଦିନ ହେଲା ବିଜେପିର କର୍ମୀମାନେ ଏ ଘଟଣାକୁ ନେଇ ଅନାବଶ୍ୟକ ବିବାଦ ସୃଷ୍ଟି କରୁଛନ୍ତି । ଏବେ କିନ୍ତୁ ଦାବି ହେଉଛି ରଙ୍ଗ ବଦଳାଇ ଦେଲେ ଚଳିବ ନାହିଁ, ନାମ ବଦଳାଇବାକୁ ହେବ । ଆନ୍ଧ୍ରପ୍ରଦେଶର ବିଜେପି ପ୍ରଭାରୀ ସୁନୀଲ ଦେଓଧର କହିଛନ୍ତି ଯେ,ଜିନ୍ନା ଟାୱାର ନାମ ପରିବର୍ତନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଠିକ୍ ଅଛି, ଜିନ୍ନା ଟାୱାରକୁ ତ୍ରିରଙ୍ଗା ରଙ୍ଗରେ ରଙ୍ଗ କରାଯାଇଛି । ଏହାର ନାମ ମଧ ପରିବର୍ତନ କରାଯିବା ଉଚିତ । କାରଣ ଜିନ୍ନା ଭାରତୀୟ ଆତ୍ମାକୁ ଦମନ କରିବାର ପ୍ରତୀକ । ଜିନ୍ନା ଆଉ ଆଉରଙ୍ଗଜେବଙ୍କ ମଧରେ କୌଣସି ପାର୍ଥକ୍ୟ ନାହଁ । ଯେପରି ଆଉରଙ୍ଗଜେବ ରୋଡର ନାମ ବଦଳାଯାଇଛି ଠିକ୍ ସେହିପରି ଜିନ୍ନା ଟାୱାର ନାମ ବଦଳାଯାଇ ଏ ପି ଜେ ଅବଦୁଲ କଲାମ ଟାୱାର ନାମ ହେବା ଉଚିତ ।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

# ଜଳନ୍ଧର ଶକ୍ତିପୀଠ, ପଞ୍ଜାବ



ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ । ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା । ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧର ଠାରେ ଅବସ୍ଥିତ । ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ । ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି । ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି । ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ






କୁହାଯାଇଛି । ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ । ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ । ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ । ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ । ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ । ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ । ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ । ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ । ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ । ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା । ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ । ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ । ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ । ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ । ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା । ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ । ଏଥିରେ ସହାୟତା କଲେ ଭଗବାନ ଭୈରବ । ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ ।

"ଜଳନ୍ଧର ଶକ୍ତିପୀଠ"ରେ ମାତା ସତୀଙ୍କର 'ବାମ ସ୍ତନ' ଖଣ୍ଡ ପଡ଼ିଥିଲା । ଏଠାରେ ମାତା ଶକ୍ତିଙ୍କୁ 'ତ୍ରିପୁରମାଳିନୀ' ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ 'ଭୈରବ'(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ "ଭୀଷଣ" ରୂପରେ ପୂଜା କରା ଯାଇଥାଏଏ ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ । ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ । ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ । ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ । ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ । ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି । ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ ।



**କେମିତି ଯିବେ:-** (୧) ନିକଟସ୍ଥ ରେଳଷ୍ଟେସନ୍‌ଠାରୁ ମାତ୍ର ୨.୫ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ"ଅବସ୍ଥିତ । (୨) ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ମାତ୍ର ୧୮୩ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ" ଅବସ୍ଥିତ । ପ୍ରତିଦିନ ସକାଳ ୬ ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ ଟାରେ ବନ୍ଦ ହୁଏ ।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ୭୩ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ଆଭାଷୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ମଧୁସୁଦନ କାମିଲା ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ସଭାପତିତ୍ୱ କରି ଗଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ ନିରଦ ବରଣ ଖୁ ିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟତାବାଦ ଓ ଦେଶର ଭବିଷ୍ୟତ ଗଢିତୋଳିବା ସମ୍ପର୍କରେ ଯୁବକମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବତନ ସେନା ଅଧିକାରୀ ମେଜର ଭରତ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଗଠନରେ ଏକ ସୈନିକର ଭୂମିକା ଏବଂ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯୁବପିଢୀକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ କଲେଜ ଇତିହାସ ବିଭାଗ ବରିଷ୍ଠ ଅଧାପକ ଶିଶିରକାନ୍ତ ମହାପାତ୍ର ଗଣତନ୍ତ୍ର ଦିବସର ଉଦେଶ୍ୟ ଓ ସ୍ୱାଧୀନଚେତା ମଣିଷର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧରେ ବାଳିକା ବିଭାଗର କାର୍ଯ୍ୟକାରୀ ଅଧିକାରୀ ଗିରିଜାକାନ୍ତ ଦାଶ, ଆଦ୍ୟାରଶ୍ମୀ ମହାପାତ୍ର, ଡ଼ଃ. ମନୋରଞ୍ଜନ ରାଉତ, ରାକେଶ କୁମାର ସାହୁଙ୍କ ସମେତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ଶେଷରେ ବାଳକ ବିଭାଗର କାର୍ଯ୍ୟକାରୀ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିହାର ଓ ଉ ର ପ୍ରଦେଶରେ ପରୀକ୍ଷାର୍ଥୀଙ୍କ ଉପରେ ପୋଲିସର ଲାଠି ଚାର୍ଜ ବିରୁଦ୍ଧରେ ବିକ୍ଷୋଭ

ଯାଜପୁର (ପିଏନ୍): କେନ୍ଦ୍ରରେ ଅନୁଷ୍ଠିତ ବିଜେପି ସରକାର ନିର୍ବାଚନରେ ଦେଇଥିବା ପ୍ରତିଶୃତି ଆଜି ସଂପୂର୍ଣ୍ଣ ମିଥ୍ୟା ଓ ପ୍ରତାରଣାପୂର୍ଣ୍ଣ ବୋଲି ଦେଶର ଜନସାଧାରଣ ହୃଦୟଙ୍ଗମ କରିସାରିଛନ୍ତି । କରୋନା ମହାମାରୀ ଭୟଙ୍କର ପରିସ୍ଥିତିରେ ଦେଶରେ ଜନଗଣଙ୍କର ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ଦେଶର କୋଟି କୋଟି ଲୋକ ବଂଚିବାର ରାହା ଖୋଜୁଛନ୍ତି । ଏହିଭଳି ପରିସ୍ଥିତିରେ ସରକାର ବେକାର ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ପରିବର୍ତେ ବିହାର ଓ ଉ ର ପ୍ରଦେଶରେ ନିଯୁକ୍ତି ପାଇଁ ଆବେଦନ କରିଥିବା ବେକାର ଯୁବକ-ଯୁବତୀ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବର ଆକ୍ରମଣ ଓ ଲାଠିଚାର୍ଜ ପ୍ରତିବାଦରେ ଅଲ୍ ଇଣ୍ଡିଆ ଅନ୍‌ଏମ୍ପ୍ଲେଏଡ଼୍ ଯୁଥ୍ ଷ୍ଟ୍ରଗଲ କମିଟି ଆହ୍ୱାନରେ ସର୍ବଭାରତୀୟ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ଯାଜପୁର ଠାରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭ କାରୀମାନେ ଏକ ପଟୁଆରରେ ବାହାରି ଆର୍‌ଆର୍‌ବି, ଏନ୍‌ଟିପିସି ପରୀକ୍ଷା ପାଇଁ ଆବେଦନକାରୀ ଛାତ୍ରଛାତ୍ରୀ ଯୁବକ-ଯୁବତୀ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା । ଦେଶର ଯୁବକ-ଯୁବତୀମାନଙ୍କୁ ରେଳ ବିଭାଗରେ ନ ନେବା ନିଷ୍ପ ି ପ୍ରତ୍ୟାହାର କରିବା, ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରୁପ୍-ଡ଼ିକୁ କେବଳ ଏକକ ପରୀକ୍ଷା କରାଇଥିବା ଓ ନିର୍ଦ୍ଦୋଶ ଛାତ୍ରଛାତ୍ରୀ ମାନଙ୍କ ଉପରେ ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କୁ କଠୋର ଦଣ୍ଡ ଦେବା ପ୍ରଭୃତି ଦାବୀରେ ସହର ପରିକ୍ରମାକରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଏଆଇୟୁୱାଇଏସ୍‌ସିର ରାଜ୍ୟ ଆବାହାକ ଚୈତନ୍ୟ ମହାରଣା, ଏଆଇଡିଓ୍ୱାଓର ଜିଲ୍ଲା ସଂପାଦକ ପ୍ରଶାନ୍ତ ସ୍ୱାଇଁ ସଂଗଠନର ରାଜ୍ୟ ଉପ-ସଭାପତି ଅଭିମନ୍ୟୁ ମଲ୍ଲିକ, ଜିଲ୍ଲା ଉପସଭାପତି ରାଧାବଲ୍ଲଭ ମଲ୍ଲିକ, ଜଗବନ୍ଧୁ ମଲ୍ଲିକ ପ୍ରଭୃତି ନେତୃବୃନ୍ଦ ବକ୍ତବ୍ୟରଖି କେନ୍ଦ୍ର ସରକାରଙ୍କ ଜନମାରଣ ନୀତିର କଠୋର ସମାଲୋଚନା କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ସମସ୍ତ ଶୋଷଣ ଅତ୍ୟାଚାରର ସର୍ବସ୍ତରର ଜନସାଧାରଣ ସ୍ତରେ ସ୍ତରେ ଗଣ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ ।

## କେନ୍ଦ୍ରାପଡା ତହସିଲ ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ତହସିଲ ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରସନ୍ନ କୁମାର ମଲ୍ଲ ଜାତୀୟ ପତାକା ଉ ୋଳନ କରିଥିଲେ । ଗଙ୍ଗାଧର ଦାସ, ଇଜାଜ ଏହେମଦ, ଗଙ୍ଗାଧର ମହାନ୍ତି, ଭାଗିରଥୀ ସାହୁ, ସେକ୍ ଆସିକଉଦ୍ଦିନ, ଜହିରଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ମେଡିକାଲ ଛକରେ ଜିଲ୍ଲା ବିଜେଡି ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ମେଡିକାଲ ଛକରେ ଜିଲ୍ଲା ବିଜେଡି ପକ୍ଷରୁ ୭୩ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ଜାତୀୟ ପତକା ଉ ୋଳନ କରିଥିଲେ । ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ପୂର୍ବତନ ନଗରପାଳ ଧିରେନ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ମହେନ୍ଦ୍ର ମିଶ୍ର, ରୋସ୍ନା ସାହୁ, ନାରାୟଣ ସାହୁ, ଶକ୍ତିକାନ୍ତ ପାତ୍ର, ଗୋପାଳ ମହାପାତ୍ର, ବିଜୟ ପତି, ସେକ ଚନ୍ଦନ, ମାନସ ସାହୁ, ବିଜୟ ମଣ୍ଡଳ, ରଞ୍ଜନ ସାହୁ, ମାନସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁଷଣ୍ଡପୁର ପଂଚାୟତରେ ବିଜେଡ଼ି ସମର୍ଥିତ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା



ଚଣ୍ଡିଖୋଲ (ପିଏନ୍)-ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତର ବିଜେଡ଼ି ସମର୍ଥିତ ସରପଂଚ ପ୍ରାର୍ଥୀ ଯଯାତିକେଶରୀ ରାଉତ ଓ ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରତ୍ୟେକ ଗ୍ରାମକୁ ଯାଇ ଭୋଟର ମାନଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା ଜାରି ରଖିଛନ୍ତି । ପଂଚାୟତର ରାଣୀବନ୍ଧୀ ଗ୍ରାମକୁ ଦୁଇ ପ୍ରାର୍ଥୀ ଓ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ପ୍ରଭାକର ସାମଲ, ଉଦ୍ଧବ ସାମଲ, କନକ ସିଂହ, ଉ ମା ସାମଲ ଓ ୧୨ନଂ ୱାର୍ଡ଼ର ୱାର୍ଡ଼ ସଭ୍ୟା ପ୍ରାର୍ଥୀ ଜ୍ୟୋତ୍ସ୍ନା ସାମଲ ଭୋଟରମାନଙ୍କୁ ସାକ୍ଷାତ କରିଥିଲେ ଓ ଆସନ୍ତା ପଂଚାୟତ ନିର୍ବାଚନରେ ତାଙ୍କ ସପକ୍ଷରେ ଭୋଟ ଦେଇ ଆମକୁ ଜିତାଇବାକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୧ବର୍ଷ ଶାସନ କାଳରେ ବିଗତ ୫ବର୍ଷ ମଧରେ ସରପଂଚ ପ୍ରାର୍ଥୀ ଯଯାତି କେଶରୀ ରାଉତ ସରପଂଚ ଥିବା ସମୟରେ ପଂଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ବାର୍ଦ୍ଧକ୍ୟ ବିଧବା ଭ । ପ୍ରଦାନ, ଗାଁ କଲ୍ୟାଣ ସମିତି କରାଇ ଗ୍ରାମର ପରିବେଷକୁ ସୁରକ୍ଷା, ସ୍ୱୟଂସହାୟକ ଗୋଷ୍ଠୀ କରାଇ ପ୍ରତ୍ୟେକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ପଂଚାୟତର ବିଭିନ୍ନ ଗ୍ରାମରେ ଭଲ କାମ କରିଛନ୍ତି ଓ ଆସନ୍ତା ନିର୍ବାଚନରେ ସରପଂଚ ପ୍ରାର୍ଥୀ ଭାବେ ବିଜୟୀ ହେଲେ ପଂଚାୟତର ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ପାଇଁ ସାଧାରଣ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଏହି ଅବସରରେ ଜାତୀୟ ପତାକା ଉ ୋଳନ କରିଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଫକିର ଚରଣ ଖଟୁଆ, ସୌମେନ୍ଦ୍ର କୁମାର ପୃଷ୍ଟି, ଶରତ ବେହୁରା, ମୁକ୍ତାର ଖାଁ, ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରଣାରତ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଚ୍‌ଏମ୍‌ଏସ୍

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗରରେ ଥିବା ଟିପିଏସଓଡିଏଲ (TPSODL) କର୍ପୋରେଟ୍ ଅଫିସ ସମ୍ମୁଖରେ ସାଉଥ୍‌କୋ ୟୁଟିଲିଟିରେ ବର୍ଷ ବର୍ଷ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ନ୍ୟାଯ୍ୟ ଦାବି ନେଇ ଗତ ୬ ମାସରୁ ଉର୍ଦ୍ଧ୍ୱ ଦିନ ଧରି ଧାରଣା ଦେଉଛନ୍ତି । ସମ୍ପ୍ରତି ଟାଟା ପାୱାର ଓଡ଼ିଶାର ବିଦ୍ୟୁତ ଯୋଗାଣ ସଂସ୍ଥାକୁ ହାତକୁ ନେବା ପରେ ଉକ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହିଁ । ଫଳରେ ପ୍ରାୟ ୩ ହଜାର କର୍ମଚାରୀ ଜୀବିକା ହରାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଇତିମଧରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନକରିବା ଉଦବେଗର ବିଷୟ । ଗୋଟିଏ ଜନକଲ୍ୟାଣ ସରକାରରେ ଏଭଳି ଘଟଣା ଆଦୌ ଶୁଭଙ୍କର ନୁହେଁ । ଅପରପକ୍ଷରେ ଧାରଣାରତ କର୍ମଚାରୀମାନେ ପୁନଃ ନିଯୁକ୍ତି ଦାବି କରି ଆସୁଥିବା ବେଳେ ମାନ୍ୟବର ସୁପ୍ରିମକୋର୍ଟରେ ନିର୍ଦ୍ଦେଶକୁ ମଧ କମ୍ପାନୀ କର୍ତ୍ତୃପକ୍ଷ ମାନୁନାହାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଟାଟା କମ୍ପାନୀ ସାଉଥକୋ ୟୁଟିଲିଟିକୁ ନେବା ପରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି କରି ଗ୍ରାହକମାନଙ୍କ ଉପରେ ଆର୍ଥିକ ଭାର ଲଦି ଦେଇଛି । ୨୦୨୧ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ସେମାନଙ୍କ ଉପରେ ଆର୍ଥିକ ବୋଝ ବୃଦ୍ଧି କରି କମ୍ପାନୀ ନିଜର ପାଣ୍ଠି ବଢ଼ାଇ ଚାଲିଥିବା ବେଳେ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ । ପୂର୍ବରୁ କମ୍ପାନୀ କରିଥିବା ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଖିଲାପ କରିଛି । କମ୍ପାନୀର ମନମାନି ଚାଲିଥିବା ବେଳେ ଧାରଣାରତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ)ର ରାଜ୍ୟ ଉପସଭାପତି ରବି ରଥ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଇଆରସିର ଅଧକ୍ଷଙ୍କୁ ପତ୍ର ମାଧମରେ ଅନୁରୋଧ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ନଭେମ୍ବର ୨୯

# ତୁ ସାନ ହୋଇ ଆଗ ଚାଲିଗଲୁ



ହିମାଂଶୁ ଶେଖର ଆଚାର୍ଯ୍ୟ

ନିଆରା ଥିଲା ସେ ଦରବାର । ସେ ଦରବାର ରାଜା କିମ୍ବା ଜମିଦାରଙ୍କ ଠାରୁ ଭିନ୍ନ ଥିଲା । ସେଠି ପାତ୍ର, ମନ୍ତ୍ରୀ, ସଭାସଦ୍ କେହି ରହୁନଥିଲେ । ଏହା ଥିଲା ନିତି ଦିନିଆ କଥା । କ୍ଷମତାର ମୋହ ତାଙ୍କୁ ଗ୍ରାସ କରିନଥିଲା । ଦେହରେ ଦାମୀ ପୋଷାକ ନଥିଲା କି ଆଚରଣରେ ଅହଂକାର ନଥିଲା । ପୋଷାକ କହିଲେ ଲୁଙ୍ଗି ଖଣ୍ଡେ,ଖାଲି ଦେହ । ଗୋଟିଏ ପଟେ ସେ ଓ ଅନ୍ୟପଟେ ଶହଶହ ଲୋକ ଓ ସେମାନଙ୍କ ସମସ୍ୟା । ଦରବାର ସକାଳ ଆଠଟାରୁ ଆରମ୍ଭ ହୋଇ ଦିନ ଦି'ଟା ଓ ପୁଣି ପାଞ୍ଚଟାରୁ ରାତି ବାରଟା । ସେ ହେଉଛନ୍ତି ଜନଗଣର ନେତା,ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବାହାରେ ବୀରେନ ଦା' ଭାବେ ଜଣାଶୁଣା ଥିବା ବୀରେନ୍ ମିତ୍ର । ଜୀବନର ଶେଷ ଭାଗରେ ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ୧୯୭୮ ମସିହା ସେ ମାସ ୨୫ ତାରିଖରେ ସେ ଇହଧାମ ପରିତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସାରା କଟକ ସହର ସ୍ତବ୍ଧ ହୋଇଯାଇଥିଲା । ସମସ୍ତେ ତାଙ୍କର ଜଣେ ଆତ୍ମୀୟଙ୍କୁ ହରାଇଥିବା ଭଳି ବେଦନା ଅନୁଭବ କରିଥିଲେ । ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ମହାନ୍ ଜନନାୟକ ବିଜୁ ପଟ୍ଟନାୟକ ଭାବବିହ୍ୱଳ ହୋଇପଡିଥିଲେ ଓ କହିଥିଲେ – "ତୁ ସାନ ହୋଇ ଆଗ ଚାଲିଗଲୁ ! ଏଠି ଲୋକଙ୍କ କଥା କିଏ ବୁଝିବ ?"

ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୯୧୭ ମସିହା ନଭେମ୍ବର ୨୬ ତାରିଖରେ କଟକ ସହରର କାଠଗଡା ସାହିରେ । ମାତ୍ର ତାଙ୍କ ପୈତୃକ ଜନ୍ମସ୍ଥାନ ହେଉଛି ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଅଞ୍ଚଳରେ । ବାଲ୍ୟକାଳରୁ ତାଙ୍କ ଭିତରେ ସାନବଡ ଭେଦଭାବ ନଥିଲା । ସେ ଜନସାଧାରଣଙ୍କୁ ଜନତା-ଜନାର୍ଦ୍ଦନ ବୋଲି ବିଚାରୁଥିଲେ । ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ ତାଙ୍କ ମନରେ ଅହଙ୍କାର ନଥିଲା କିମ୍ବା ବ୍ୟକ୍ତିଗତ ଜୀବନରେ ତାଙ୍କର କେହି ଶତ୍ରୁ ନଥିଲେ । ସାଧାରଣ ଜୀବନରେ ସେଥିଲେ 'ଅଜାତଶତ୍ରୁ' । ବାପା ବିପିନ ବିହାରୀଙ୍କ ଇଚ୍ଛା ଥିଲା ପୁଅ ଭଲ ପଢିବ, ତାଙ୍କ ପରେ ଓକିଲାତି କରି ନାଁ କମେଇବ ନଚେତ୍ ସରକାରୀ ଚାକିରି କରି ଡେପୁଟି ମାଜିଷ୍ଟ୍ରେଟ୍ ହେବ । ସେଥିପାଇଁ ସେ ପ୍ରାଥମିକ ଶିକ୍ଷାପରେ ପ୍ୟାରୀମୋହନ ଏକାଡେମୀ ଓ ତାପରେ ରେଭେନ୍ସା କଲେଜରେ ବୀରେନ୍‌ଙ୍କ ନାଁ ଲେଖାଇଥିଲେ । ସେତେବେଳେ ଗୋଟିଏ ଦୁଇଟି ଘଟଣା ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା । କଟକ ମେଡିକାଲ୍ ସ୍କୁଲ୍‌ର ଧର୍ମଘଟରେ ସେ ଛାତ୍ରମାନଙ୍କ ଭିତରେ ବେଶ୍ ଜଣାଶୁଣା ହୋଇଗଲେ । ଛାତ୍ରମାନଙ୍କ ଭିତରେ ସେ ଖୁବ୍ ଆଗୁଆ ହୋଇଗଲେ । ୧୯୪୨ ମସିହା ଅଗଷ୍ଟ ୯ ସ୍ୱାଧୀନତା ଆନ୍ଦୋଳନର ଶେଷ ଅଧ୍ୟାୟ । ବାପାଙ୍କ ଅନିଚ୍ଛା ସତ୍ତ୍ୱେ ଗାନ୍ଧିଜୀଙ୍କ "କର ବା ମର" ଡାକରା ଶୁଣି ଆନ୍ଦୋଳନରେ ସାମିଲ ହେବା ସହ ପ୍ରଥମେ କଟକ ଓ ପରେ ବ୍ରହ୍ମପୁର ଜେଲରେ ଅଟକବନ୍ଦୀ ହୋଇ ରହିଥିଲେ ।

୧୯୩୫ ମସିହା ଭାରତ ଶାସନ ଆଇନ ଅନୁଯାୟୀ ଓଡିଶାରେ ୧୯୪୬ ମସିହାରେ ଦ୍ୱିତୀୟଥର ପାଇଁ ନିର୍ବାଚନ ହେଲା । ଡଃ. ମହତାବ କଂଗ୍ରେସ ବିଧାୟକ ଦଳର ନେତା ଭାବେ ଓଡିଶାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ସେତେବେଳେ ବୀରେନ୍ ଦା' କଟକ ସହରକୁ ନିଜ କର୍ମକ୍ଷେତ୍ର କରିସାରିଥିଲେ । ଦିନେ ବାଖରାବାଦରେ ଡଃ. ମହତାବଙ୍କ ସହିତ ବୀରେନ୍ ଦାଙ୍କର ସାକ୍ଷାତ୍ ହୋଇଥିଲା । ସେଦିନ ସେହି ସାକ୍ଷାତ ଉଭୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଗୁରୁଶିଷ୍ୟ ଭଳି ଡକ୍ଟର ମହତାବ ଓ ବୀରେନ୍ ମିତ୍ର ଦୀର୍ଘ ୧୫ ବର୍ଷ କାଳ ଏକତ୍ର କାମ କରିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା ବେଳକୁ ବୀରେନ୍ ମିତ୍ର କର୍ମୀରୁ ନେତା ହୋଇସାରିଥିଲେ । ସହରର ଲୋକଙ୍କ ସୁଖଦୁଃଖ ହାନିଲାଭ ବୁଝିବା ପାଇଁ ତାଙ୍କରି ଚେଷ୍ଟାରେ 'ଟାଉନ୍ କମିଟି' ଗଢା ହୋଇଥିଲା । ଏହି ଟାଉନ୍ କମିଟି ଜରିଆରେ କଟକ ସହରରେ ବହୁଦିନ ପର୍ଯ୍ୟନ୍ତ ସାହି ବିବାଦ ଠାରୁ ଆରମ୍ଭ କରି ବହୁ ସମସ୍ୟାର ସମାଧାନ କରାଯାଉଥିଲା । ଏହି କମିଟି କଟକିଆଙ୍କର ସୁଖଦୁଃଖର ସାଥୀ ଥିଲା । ବୀରେନ ଦାଙ୍କ ଗୋଟିଏ ବଡ ଗୁଣ ଥିଲା କଟକ ସହର ଥିଲା ତାଙ୍କ ପ୍ରାଣ । ଲୋକଙ୍କ ସେବାରେ ତାଙ୍କର ଛଳନା ନଥିଲା ।

୧୯୫୨ ମସିହାରେ ଆମ ଦେଶର ସମ୍ବିଧାନ ଅନୁଯାୟୀ ପ୍ରଥମ ଥର ପାଇଁ ସାବାଳକ ଭୋଟଦାନ ପ୍ରଥାରେ ନିର୍ବାଚନ ହେଲା । ସେତେବେଳକୁ ବୀରେନବାବୁ କଂଗ୍ରେସ ଦଳର ନେତା ଭାବେ କଟକ ସହରରେ ବେଶ୍ ଜଣାଶୁଣା ହୋଇପାରିଥିଲେ । ସେ ପ୍ରଥମ ଥର ପାଇଁ କଟକ ସହରରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଲେ ଓ ଜିତିଲେ । କଟକ ସହରରେ ଲୋକେ ତାଙ୍କୁ ଏତେ ଭଲପାଉଥିଲେ ଯେ ୧୯୫୨ ମସିହାରୁ ୧୯୬୭ ପର୍ଯ୍ୟନ୍ତ ଚାରିଥର ସେ କଟକ ସହରରୁ ବିଧାନସଭାକୁ ନିର୍ବାଚନ ହୋଇଥିଲେ । ୧୯୬୧ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ । ୧୯୬୩ ମସିହାରେ କାମରାଜ ଯୋଜନାରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ପଦ ଛାଡିବା ପରେ ତାଙ୍କ ସ୍ଥାନରେ ଉପମୁଖ୍ୟମନ୍ତ୍ରୀ ଥିବା ବୀରେନ୍ ମିତ୍ର ୧୯୬୩ ମସିହା ଅକ୍ଟୋବର ୨ ତାରିଖରେ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେ ମୁଖ୍ୟମନ୍ତ୍ରୀ ହେବାପରେ ରାଜ୍ୟର ସାଧାରଣ ଲୋକ ବିଶେଷ କରି ଗରିବ, ଖଟିଖିଆ, ମେହେନତକାରୀ ଲୋକେ ଖୁବ୍ ଖୁସି ହୋଇଥିଲେ । ସେମାନଙ୍କର ଜଣେ ନିତିଦିନିଆ ସାଥୀ ହାତରେ ରାଜ୍ୟର ଶାସନଭାର ଥିବାରୁ ସେମାନଙ୍କ ମନରେ ନୂତନ ଆଶା ସୃଷ୍ଟି ହୋଇଥିଲା । ମୁଖ୍ୟମନ୍ତ୍ରୀ ହେବାପରେ ବି ନିଜର ଜୀବନଧାରାକୁ ବଦଳାଇ ନଥିଲେ ସେ ।

ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା ୧୯୬୪ ମସିହାର ଛାତ୍ର ଆନ୍ଦୋଳନ । ସେଇବର୍ଷ ସେପ୍ଟେମ୍ବର ୨ ତାରିଖ ଦିନ ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଛାତ୍ରମାନେ ବିଧାନସଭାରେ ତୁମୁଳକାଣ୍ଡ କରିଥିଲେ । ଏ ଘଟଣାର କିଛିଦିନ ପରେ କଟକରେ ରେଡିଓ ମରାମତିକୁ କେନ୍ଦ୍ର କରି ପୁଣି ଏକ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଆନ୍ଦୋଳନ କେବଳ କଟକ ସହରରେ ସୀମିତ ନରହି ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା । ବୀରେନ୍ ଦା ନିଜେ ଜଣେ ଛାତ୍ରନେତା ଥିଲେ । ସବୁ ଶୁଣି ଦାଦା ପୁଲିସ୍‌କୁ କହିଥିଲେ "ଯାହା କରୁଛ କର, କଟକରେ ଗୁଳି ଫୁଟିବ ନାହିଁ କି କଟକ ରାସ୍ତାରେ ବୁନ୍ଦାଏ ରକ୍ତ ପଡିବ ନାହିଁ" । ଫଳରେ ଅନେକ ଜୀବନ ରକ୍ଷା ପାଇଗଲା । ଘଟଣାଚକ୍ରରେ ବୀରେନ୍ ମିତ୍ର ଶାସ୍ତ୍ରୀଜୀଙ୍କ ପରାମର୍ଶ କ୍ରମେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । କ୍ଷମତାରୁ ଗଲାପରେ ତାଙ୍କ ଦରବାର ବି ପୂର୍ବଭଳି ଚାଲୁଥିଲା ଏମିତି ନେତା ଆଜିର ଦୁନିଆରେ ବିରଳ । ୧୯୭୮ ମସିହା ମଇ ୨୫ ତାରିଖରେ ତାଙ୍କର ଦେହାବସାନ ହେଲା । ହେଲେ ବିସ୍ମୃତିରେ ହଜିଯାଉଥିବା ଏହି ବରପୁତ୍ରଙ୍କ ଜୀବନାଦର୍ଶ ଆଜି ବି ପ୍ରାସଙ୍ଗିକ ମନେହୁଏ ।

*ସଭାପତି*
*ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ମହାକାଶ ପର୍ଯ୍ୟନ୍ତ ପହଞ୍ଚିଲାଣି ପୁଞ୍ଜିବାଦ



ଗୋପାଳ ମହାପାତ୍ର

ଆମେରିକାର ବିଶିଷ୍ଟ ଶିଳ୍ପପତି ଏଲେନ ମସ୍କ ହେଉଛନ୍ତି ଷ୍ଟାରଲିଙ୍କର ମାଲିକ ଏବଂ ତାଙ୍କ ସଂସ୍ଥାର ଟେକନିକ ଶକ୍ତି ଏବଂ ସମ୍ପତ୍ତିର କଳ୍ପନା କରିବା କଷ୍ଟକର । ଷ୍ଟାରଲିଙ୍କ ଏବେ ଦୁନିଆରେ ସବୁଠାରୁ ଅଧିକ ସାଟେଲାଇଟ ବା ଉପଗ୍ରହ ପ୍ରେରଣ କରିଥିବା ସଂସ୍ଥା । ଏହି କମ୍ପାନୀ ମହାକାଶରେ ୭ହଜାର ଉପଗ୍ରହ ସ୍ଥାପିତ କରିସାରିଛି । ଏବେ ଏହି କମ୍ପାନୀ ୧୩୦୦୦ ଉପଗ୍ରହ ପ୍ରେରଣ କରିବାକୁ ଯାଉଛି । ଅର୍ଥାତ୍ ଉପଗ୍ରହ ସଂଖ୍ୟା ବୃଦ୍ଧି ପାଇ ୭୦ ହଜାରରେ ପହଞ୍ଚିଯିବ । ଷ୍ଟାରଲିଙ୍କ ବା ଅନ୍ୟ ଅର୍ଥରେ ଏଲନ ମସ୍କ ଯୋଜନା କରୁଛନ୍ତି ଯେ ୨୦୩୧ ସୁଦ୍ଧା ମହାକାଶକୁ ଆହୁରି ଉପଗ୍ରହ ପ୍ରେରଣ କରିବେ ଓ ଏହାର ସଂଖ୍ୟା ୪୦ ହଜାରକୁ ଟପିଯିବ । ଏହାର ଅର୍ଥ ହେଉଛି ସାରାବିଶ୍ୱର ସବୁ ଦେଶର ଆକାଶରେ ଷ୍ଟାରଲିଙ୍କର ଅଢ଼େଇଶହରୁ ଅଧିକ ଉପଗ୍ରହ ରହିଥିବ । ଏଥିସହିତ ସାରାବିଶ୍ୱ ଏଇ ନୂଆ ଟେକନିକର ୪୦ ହଜାର ତାରାକୁ ଦେଖିବେ ଓ ଏହାର କାର୍ଯ୍ୟ ଓ ପ୍ରଭାବ ଦେଖିବେ । ଆମେରିକା ସୁପର ପାୱାର ହେବା ପଛରେ ରହିଛି ଏଲନ ମସ୍କଙ୍କର ଷ୍ଟାରଲିଙ୍କ । ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ନାଶାର ପାଖାପାଖି ୭୦୦ ଉପଗ୍ରହ ରହିଛି । ଭାରତ ମହାକାଶକୁ ମାତ୍ର ୭୦ଟି ଉପଗ୍ରହ ପ୍ରେରଣ କରିଛି ଏବଂ ଏସବୁର କ୍ଷମତା ମଧ୍ୟ ଷ୍ଟାରଲିଙ୍କ ଓ ନାସାର ଉପଗ୍ରହ ଠାରୁ କମ୍ । ଏଥିରୁ ସ୍ପଷ୍ଟ ଯେ ଭାରତର ୧୦୦ ଗୁଣ ଏବଂ ଆମେରିକାର ୧୦ ଗୁଣ ଅଧିକ ଉପଗ୍ରହ ଷ୍ଟାରଲିଙ୍କ ମହାକାଶକୁ ପ୍ରେରଣ କରିଛି ।

ଆମେ ଏବେ ଯେତେବେଳେ ଦେଶର ଶିଳ୍ପପତି ବା ଧନ କୁବେର ମାନଙ୍କ ଉପରେ ଚର୍ଚ୍ଚା କରୁଛେ ସେତେବେଳେ ମୁକେଶ ଅମ୍ବାନୀଙ୍କ ନାମ ପ୍ରଥମରେ ରହୁଛି । ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୧୩ ଲକ୍ଷ କୋଟିରୁ ଅଧିକ ଏବଂ ବୋଧହୁଏ ମୁକେଶ ହେଉଛନ୍ତି ବିଶ୍ୱର ୩ୟ ବା ୪ର୍ଥ ଧନ କୁବେର । ଗୌତମ ଆଦାନୀ ଯାହାଙ୍କ ସମ୍ପତ୍ତି ୧୦ଲକ୍ଷ କୋଟିରୁ ଅଧିକ ସିଏ ମୁକେଶ ଅମ୍ବାନୀଙ୍କ ପଛରେ ଓ ବିଶ୍ୱର ୭ମ ବା ୮ମ ଧନକୁବେର ଅଟନ୍ତି । ଏକଦା ବିଶ୍ୱର ଏକନମ୍ବର ଧନୀ ଥିବା ବିଲ୍ ଗେଟସ୍ ଏବେ ତଳକୁ ଖସି ଆସିଛନ୍ତି । ୱ୍ୟାରେନ ବଫେଟ ଏବେ ଦୁନିଆର ଏକ ନମ୍ବର ଧନୀ ଅର୍ଥାତ୍ ଯାହାଙ୍କ ପାଖରେ ୭୦ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି ଯାହା ଭାରତର ସରକାରୀ ବଜେଟର ପାଖାପାଖି ଦୁଇ ଗୁଣ ହେବ । ଏବେ ୱାରେନ ବଫେଟଙ୍କୁ ଟାଲେ କରି ଏଲନ ମସ୍କ ପ୍ରଥମ ଧନୀ ହେବାର ସ୍ଥିତିରେ ପହଞ୍ଚିବା ପାଇଁ ଉଦ୍ୟମ କରୁଛନ୍ତି । ଏକଦା କାର୍ଲମାକ୍ସ ପୁଞ୍ଜିବାଦୀ ବିକାଶର କ୍ରମ ପ୍ରସଙ୍ଗରେ କହିଥିଲେ ଯେ ବଡ଼ କାରଖାନା ଛୋଟ କାରଖାନାକୁ ଗିଳି ପକାଇବ । ପୁଞ୍ଜିବାଦର ସିଦ୍ଧାନ୍ତ ମଧ ଏହା ହିଁ ଯେ ବଡ଼ ମାଛ ଛୋଟ ମାଛକୁ ଗିଳି ଦେଇଥାଏ । ପରନ୍ତୁ ଏହି ପାରମ୍ପରିକ ପୁଞ୍ଜିବାଦ କେବଳ ଯେ ତଳକୁ ଚାଲିଯିବ ତା ନୁହେଁ ବରଂ ପୁଞ୍ଜିବାଦ ଉପଗ୍ରହ ଟେକନିକ ପାଇଁ ଏହି ମାଲିକ ମାନଙ୍କ କାଠକଣ୍ଢେଇ ପାଲଟିଯିବ ।

ଏବେ ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ଭାରତର ଦୁଇ ଧନ କୁବେର କିଛି ଦିନ ତଳେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏଲନ ମସ୍କଙ୍କ ଷ୍ଟାରଲିଙ୍କ ଯେପରି ଭାରତ ଆକାଶରେ ତାର ଉପଗ୍ରହ ସ୍ଥାପନ କରି ନପାରେ ସେଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । କିନ୍ତୁ ଏକ ଅସମର୍ଥିତ ସୂତ୍ରରୁ ଜଣାପଡିଛି ଯେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ ଏଥିପାଇଁ ଅସମର୍ଥତା ପ୍ରକାଶ କରିଛନ୍ତି ଓ କହିଛନ୍ତି ଯେ ଟେକନିକର ବିକାଶ ଏବଂ ଏହାର ପ୍ରୟୋଗକୁ କେମିତି ରୋକାଯାଇ ପାରିବ । ବୋଧହୁଏ ଅମ୍ବାନୀ ଓ ଆଦାନୀ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏଭଳି ଉତ୍ତର ଶୁଣିବେ ବୋଲି ଆଶା କରିନଥିଲେ । ଏଣୁ ସେମାନେ ଏବେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଏକଥା ମଧ ସମ୍ଭବ ଯେ ଏ ଦୁହେଁ ସୁପ୍ରିମ କୋର୍ଟଙ୍କ ଶରଣ ନେବା ପଛରେ ପ୍ରଧାନମନ୍ତ୍ରୀଙ୍କ ମୌନ ସମ୍ମତି ରହିଛି । କାରଣ ପ୍ରଧାନମନ୍ତ୍ରୀ ଏକଥା ମଧ ଜାଣନ୍ତି ଯେ ସରକାରୀ ସ୍ତରରେ ଏଲନ ମସ୍କଙ୍କ ଷ୍ଟାରଲିଙ୍କର ଉପଗ୍ରହ ଉପରେ ପ୍ରତିବନ୍ଧକ ଲଗାଇବା ଅସମ୍ଭବ ନହେଲେ ମଧ କଷ୍ଟକର ନିଶ୍ଚୟ । ସରକାରୀ ସ୍ତରରେ ଷ୍ଟାରଲିଙ୍କ ବିରୁଦ୍ଧରେ ପ୍ରତିବନ୍ଧକ ଲଗାଇବାର ଅର୍ଥ ଅସୁବିଧା କୁ ଡାକି ଆଣିବା ଯାହା ପ୍ରଧାନମନ୍ତ୍ରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଯିବ । ଏବେ ସେ ବାବଦରେ ଅଧିକ ଆଲୋଚନା କରାଯିବା ଅନୁଚିତ କାରଣ ଆଗକୁ କ'ଣ ହେବ ସେକଥା ସମୟ କହିବ ।

ଟେକନିକ କେମିତି ଟେକନିକକୁ ଆତ୍ମସାତ କରି ପ୍ରଭାବି କରାଇଥାଏ ସେକଥା ଦେଖିବା କଥା । ସମୟ ଥିଲା ଯେତେବେଳେ ଲୋକେ ପାଦରେ ଚାଲିବା ବଦଳରେ ଶଗଡ଼ଗାଡି ବା ଘୋଡାଗାଡିକୁ ଆପଣେଇ ଥିଲେ । ଘୋଡ଼ାରେ ଚଢ଼ି ମଧ ସୈନିକ ମାନେ ଯୁଦ୍ଧ କରୁଥିଲେ । କେବେ କେବେ ଯୁଦ୍ଧବେଳେ ରଥରେ ଓ ଗାଡିରେ ଭୌଗୋଳିକ ପରିସ୍ଥିତି ଅନୁସାରେ ଓଟ ଓ ହାତୀଙ୍କୁ ମଧ ବ୍ୟବହାର କରାଯାଉଥିଲା । ଲୋକେ ମଧ ବଳଦଗାଡ଼ି, ଘୋଡାଗାଡ଼ି ଆଦି ଗତାଗତ ପାଇଁ ବ୍ୟବହାର କରୁଥିଲେ । ଚାଷ ପାଇଁ ବଳଦର ବ୍ୟବହାର କରାଯାଉଥିଲା । କାଳାନ୍ତରରେ ଗତାଗତ ବା ଯାତାୟାତ ପାଇଁ ମଟରର ବ୍ୟବହାର ହେଲା ଓ ଚାଷ ପାଇଁ ଟ୍ରାକ୍ଟରର ବ୍ୟବହାର ହେଲା । ଯାତାୟତ ପାଇଁ ସାଇକେଲ, ମଟର ସାଇକେଲ, କାର ଏବଂ ପରବର୍ତ୍ତୀ ସମୟରେ ବିମାନ ପର୍ଯ୍ୟନ୍ତ ପହଞ୍ଚିଥିଲା । ନଦୀରେ ଯାତାୟତ ପାଇଁ ଲୋକେ ପ୍ରଥମେ ଭେଳା ଓ ତାପରେ ନୌକାର ବ୍ୟବହାର କରୁଥିଲେ । ପରେ ଜଳଯାହାଜ ଆସିଲା । ସଞ୍ଚାର କ୍ଷେତ୍ରରେ ଲ୍ୟାଣ୍ଡଲାଇନ ଫୋନ ଆସିଲା; ତା ପରେ ମୋବାଇଲ ଏବଂ ଏବେ ଏଣ୍ଡ୍ରେଏଡ଼ ଟେକନିକ ଏବଂ ଇଣ୍ଟରନେଟ ଆସି ପୁରୁଣା ସମୟର ଟେଲିଫୋନ ବ୍ୟବସ୍ଥାକୁ ପ୍ରାୟତଃ ଶେଷ କରିଦେଇଛି । ଏପରିକି ଡାକ ବିଭାଗ ମଧ ଏବେ ହଜିଯିବାକୁ ବସିଲାଣି ।

ଏକଥା ସତ୍ୟ ଯେ ଯେତେବେଳେ କୌଣସି ବି କ୍ଷେତ୍ରରେ ଉଚ୍ଚମାନର ଟେକନିକର ଆବିଷ୍କାର ହୋଇଥାଏ ତେବେ କେବଳ ଯେ ପୁରୁଣା ଟେକନିକ ଯେ ହଜିଯାଏ ବା ବନ୍ଦ ହୋଇଯାଏ ତା ନୁହେଁ ବରଂ ତାକୁ ମାଧ୍ୟମ କରି ଗୁଜୁରାଣ ମେଣ୍ଟାଉଥିବା ଲୋକେ ମଧ ରୋଜଗାର ହରାଇଥାନ୍ତି । ଏବେ ଆଉ ଗ୍ରାମାଞ୍ଚଳରେ ହଳ ବଳଦ ଦେଖାଯାଉନି ଦେଖାଯାଉଛି ଟ୍ରାକ୍ଟର । ଲୋକେ ଆଉ ଲୁଗା ସଫା କରିବା ପାଇଁ ଧୋବାଙ୍କ ଉପରେ ନିର୍ଭର ନକରି ୱ୍ୟାସିଂ ମେସିନ ବ୍ୟବହାର କରୁଛନ୍ତି । ଏବେ ଅମ୍ବାନୀଙ୍କ ଚିନ୍ତା ବଢ଼ିଯାଇଛି । ତାର କାରଣ ହେଉଛି ତାଙ୍କ ଜିଓ ସିମ୍ (ମୋବାଇଲ) ବିଏସ୍‌ଏନ୍‌ଏଲ ଓ ଅନ୍ୟ ସଂଚାର ସାଧନକୁ ଗିଳି ପକାଇଥିଲା । କିନ୍ତୁ ଏବେ ଜିଓକୁ ତଳିତଳାନ୍ତ କରିବା ପାଇଁ ସାଟଲାଇଟ ଟେକନିକ ଆସୁଛି । ଏକଥା ସତ୍ୟ ଯେ ଅମ୍ବାନୀ ପରିବାରର ସମ୍ପତ୍ତି ଧିରୁଭାଇଙ୍କ ପେଟ୍ରୋଲ ପମ୍ପ ଚାକିରୀରୁ ବଢ଼ିନାହିଁ ବରଂ ଦେଶର ଲୋକଙ୍କ ସାମୁହିକ ପୁଞ୍ଜିରୁ ହିଁ ବଢ଼ିପାରିଛି । ଜିଓରୁ ମଧ ବେଶ୍ ଆୟ କରୁଛି ଅମ୍ବାନୀ ପରିବାର । ସାଟେଲାଇଟ ଟେକନିକ୍ ଆସିଲେ ଜିଓ ଖତ ଖାଇଯିବ ନିଶ୍ଚୟ ।

ଏହାହିଁ ହେଉଛି ପୁଞ୍ଜିବାଦ ଯାହା ଗାଁ-ସହର- ବଜାରରୁ ଆରମ୍ଭ ହୋଇ ଏବେ ମହାକାଶ ପର୍ଯ୍ୟନ୍ତ ପହଞ୍ଚିଗଲାଣି । ସାଟେଲାଇଟ ଟେକନିକର ପ୍ରଭାବ ଦେଶ ଓ ଦୁନିଆର ଲୋକଙ୍କ ଉପର ପଡିବ । ଅନୁମାନ ଅନୁସାରେ ଦେଶର ଇଣ୍ଟରନେଟ ଏବଂ ଏଣ୍ଡଏଡ଼ ଟେକ୍ନୋଲୋଜି ବ୍ୟବସାୟୀ ମୋବାଇଲ ବିକ୍ରେତା ଏପରିକି ମୋବାଇଲ ନିର୍ମାଣକାରୀ ସଂସ୍ଥା ଓ ସିମ୍ ପ୍ରସ୍ତୁତକାରୀ ସଂସ୍ଥା ଏହାଦ୍ୱାରା ପ୍ରଭାବିତ ହେବେ । ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇବେ । ସିମ ବା ଚିପ୍ ପ୍ରସ୍ତୁତ କରୁଥିବା କୋରିଆ, ଚୀନ ଓ ଭିଏତନାମର କମ୍ପାନୀ ମାନେ ମଧ ପ୍ରଭାବିତ ହେବେ କାରଣ ସାଟେଲାଇଟ ଫୋନରେ ସିମ୍‌ର ବ୍ୟବହାର ହେବନାହିଁ । ଏହି ଫୋନର ନିର୍ମାଣ କେବଳ ଏଲନ ମସ୍କଙ୍କ କମ୍ପାନୀ କରିବେ । ଆଉ ସ୍ପେକ୍ଟ୍ରମର ଆବଶ୍ୟକତା ପଡିବ ନାହିଁ କିମ୍ବା ସ୍ପେକ୍ଟ୍ରୀ ନିଲାମରେ ଭ୍ରଷ୍ଟାଚାର ମଧ ହେବ ନାହିଁ । ସାଟେଲାଇଟ ଟେଲିଫୋନର ନିର୍ମାଣ ଷ୍ଟାରଲିଙ୍କ କରିବ କାରଣ ସଂପୃକ୍ତ ମେସିନକୁ ଚାଲୁ କରିବାର କ୍ଷମତା ବା ସାଟେଲାଇଟ ଫୋନକୁ ଜୀବନ୍ତ କରିବାର କ୍ଷମତା ଏଲନ ମସ୍କଙ୍କ ପାଖରେ ହିଁ ରହିଛି । ରୋବଟ ଉଦ୍ୟୋଗକୁ ମଧ ଏହା ପ୍ରଭାବିତ କରିବ । ଏବେ ଯେଉଁ କମ୍ପାନୀମାନେ ଏଆଇରେ ଚାଲୁଛନ୍ତି ସେମାନଙ୍କୁ ଚଳାଇବା ପାଇଁ ସାଟେଲାଇଟ ଟେକନିକର ବ୍ୟବହାର କରିବାକୁ ପଡିବ । ଆମାଜନ ହେଉଛି ବିଶ୍ୱର ସର୍ବ ବୃହତ୍ତମ ମାର୍କେଟିଙ୍ଗ କମ୍ପାନୀ । ଆମେରିକାର ୱ୍ୟାସିଂଟନ ଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟରେ ୭ହଜାର ରୋବଟ କାମ କରୁଛନ୍ତି । ଯେଉଁଠି ଲକ୍ଷେରୁ ଅଧିକ ଲୋକ କାମ କରିଥାନ୍ତେ ୭ହଜାର ରୋବଟ ସେଇ କାମକୁ କରିପାରୁଛନ୍ତି । ଏଣୁ ଟେକନିକ କେତେ ଦୂରରେ ପହଞ୍ଚିଛି ସେ କଥା ଅନୁମେୟ । ଏସବୁରୁ ସ୍ପଷ୍ଟ ଯେ ପୁଞ୍ଜିବାଦ ଏବେ ଗାଁ-ସହର-ବଜାରରୁ ଯାଇ ମହାକାଶରେ ପହଞ୍ଚିବାକୁ ବସିଲାଣି ଓ ଟେକନିକ ଏହି ପୁଞ୍ଜିବାଦକୁ କାଠ କଣ୍ଢେଇ ପରି ଚଳେଇବାରେ ଲାଗିଛି । ଏଲେନ ମସ୍କଙ୍କ ସାଟେଲାଇଟ ଟେକନିକ କିନ୍ତୁ ଅନ୍ୟ ଦେଶ ମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବ ନିଶ୍ଚୟ ଯେଉଁଥି ପାଇଁ ଏବେଠାରୁ ଏ ଦିଗରେ ସଚେତନ ହେବା ଆବଶ୍ୟକ ।

ରାମଚନ୍ଦ୍ର ପୁର, ରଣପୁର
ମୋ - ୯୪୩୮୪୮୫୦୯୪

# କଥାକାର ଅଖିଳମୋହନ



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଖବରକାଗଜ ଏକ ଅନବଦ୍ୟ ସୃଷ୍ଟି । ଏଥିରେ ପ୍ରାବନ୍ଧିକ ଲେଖିଛନ୍ତି କାଗଜରୁ ଅନେକ କଥା ହୁଏ । ମାତ୍ର, କାଗଜର ବଡ଼ ସାର୍ଥକତା ହେଉଛି, ଖବରକାଗଜ ହେବାରେ । ଖବରକାଗଜ ଖଣ୍ଡେ କିଣି ହାତରେ ମୋଡ଼ି ଧରିବା ଦରକାର । ନହେଲେ ବିପଦର ସମ୍ମୁଖୀନ ହେବାକୁ ପଡ଼େ । ଖବରକାଗଜ ମାଗିନେଇ ପଢ଼ିବା ଲୋକର ବି ଅଭାବ ନାହିଁ । କ୍ଷମା କରିବେ, କହି କାଗଜ ଖଣ୍ଡ ମାଗି ପଢ଼ନ୍ତି । ଏହି ପ୍ରବନ୍ଧରେ ସେ ଆହୁରି ମଧ ଲେଖିଛନ୍ତି, ଖବରକାଗଜରେ କିଛି ବାହାରିଥିଲେ, ରକ୍ଷା ନାହିଁ । ସେ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଯାଏ । ଉଠିପଳାଇବାର ଉପାୟ ନଥାଏ । ସ୍ଥାନଟି ବକ୍ତୃତା ମଞ୍ଚରେ ପରିଣତ ହେବାର ଆଶଙ୍କା ଥାଏ । ଅନେକ ବକ୍ତୃତା ଦେବା ପାଇଁ ଖବରକାଗଜ ପଢ଼ନ୍ତି । ତେବେ, ସମୟ ଥିବା ଦରକାର । ପୁଣି ଲେଖିଛନ୍ତି, ପ୍ରୌଢ଼ ଓ ବେକାରମାନେ ହିଁ ଖବରକାଗଜର ମୁଖ୍ୟ ପାଠକ । ପ୍ରବନ୍ଧଟି ଲେଖିଥିଲେ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ । ସେ ଥିଲେ ସୃଷ୍ଟିଧର୍ମୀ ସାହିତ୍ୟିକ । ଗଳ୍ପ, ଲଳିତ ନିବନ୍ଧ, ଭ୍ରମଣ ବୃତ୍ତାନ୍ତ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିବା ସ୍ରଷ୍ଟା । ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର । ସେ ଥିଲେ ବାସ୍ତବବାଦୀ କଥାକାର । ମୁଁ କାହିଁକି ଲେଖେ ଶୀର୍ଷକରେ ସ୍ପଷ୍ଟ କହିଛନ୍ତି ଜୀବନରେ କୌଣସି ବାସ୍ତବ ଅନୁଭୂତି ଧାରଣ ନ କରିବା ପର୍ଯ୍ୟନ୍ତ ମୁଁ ଗଳ୍ପ ଲେଖିବାରେ ମନୋନିବେଶ କରେନାହିଁ । ତାଙ୍କର ଅଧିକାଂଶ ଗପ ଅନୁଭୂତିସିଦ୍ଧ । ପେସାରେ ଅଖିଳ ମୋହନ ଥିଲେ ଆଇନଜୀବୀ । ଆଉ ଗଳ୍ପ ଲେଖିବା ଥିଲା ନିଶା । କର୍ମମୟ ଜୀବନରେ ସେ ଆଇନ ବ୍ୟବସାୟକୁ କେତେ ସମୟ ଦେଇଥିଲେ ଏବଂ ଗଳ୍ପକୁ କେତେ ସମୟ ଅଜଣା । ତେବେ, ଏହା ସତ୍ୟ ଯେ, ମହକିଲଙ୍କୁ ଉପେକ୍ଷା କରୁ ନଥିଲେ । ଉଭୟ ଆଇନ ଓ ସାହିତ୍ୟ ସହ ତାଙ୍କର ସଂପର୍କ ଥିଲା । ସାହିତ୍ୟ ଥିଲା ଟିକିଏ ଅଧିକ ନିଜର । ତେଣୁ, କେହି କେହି କହନ୍ତି ଆଇନ ତାଙ୍କର ପତ୍ନୀ ଭଳି ସହାୟିକା ଏବଂ ଗଳ୍ପ ତାଙ୍କର ପ୍ରିୟତମା ପ୍ରେମିକା । ସେ ଥିଲେ ବିଚକ୍ଷଣ ଫୌଜଦାରୀ ଓକିଲ । ଆଇନ ବ୍ୟବସାୟରୁ ରୋଜଗାରକୁ ସେ ଏତେଟା ଗୁରୁତ୍ୱ ଦେଉନଥିଲେ । ସିଧା ଭାଷାରେ କହିଲେ, ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହେଉଥିଲେ । ଉଚ୍ଚଶିକ୍ଷା ଲାଭ ପରେ ଅଖିଳ ମୋହନ ଚାକିରି ନକରି ସ୍ୱାଧୀନ ଭାବେ ଜୀବିକା ଅର୍ଜନ କରିବାକୁ ନିଷ୍ପତ୍ତି ନେଇ, ପ୍ରଥମେ ସାଜିଥିଲେ ଠିକାଦାର । ତାହାପରେ ଓକିଲ । ଓଡ଼ିଶା ଗସ୍ତରେ ଆସିଥିବା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେକା ପଥର ଫୋପାଡି ଲହୁ ଲୁହାଣ କରିଥିବା କଟକର ଅଭିଯୁକ୍ତ ଯୁବକମାନଙ୍କ ପକ୍ଷରୁ ସେ ଅଦାଲତରେ ମାମଲା ଲଢ଼ି, ସମସ୍ତଙ୍କୁ ଦୋଷମୁକ୍ତ କରାଇଥିଲେ । ପିଲାଦିନେ ଅଖିଳ ମୋହନ ଥିଲେ ଚପଳ ଯୌବନରେ ଥଟ୍ଟା ପରିହାସ ପ୍ରିୟ ସଙ୍ଗକୁ ବାମପନ୍ଥୀ ଛାତ୍ରନେତା । ୧୯୮୨ ନଭେମ୍ବର ଆଜିର ଦିନରେ ଏକ ଦୁରାରୋଗ୍ୟ ବ୍ୟାଧିର ଅସ୍ତ୍ରୋପଚାର ପାଇଁ ନିଜେ କାର ଚଳାଇ ଏକ ଘରୋଇ ହସ୍‌ପିଟାଲକୁ ଯାଇଥିଲେ । ଛୁରୀ କତୁରି ଧରିଥିବା ଡାକ୍ତର ଓ ସେବିକାମାନଙ୍କୁ ଅଭିବାଦନ ଜଣାଇ ଅପରେସନ ଟେବଲରେ ଶୋଇଥିଲେ । ଘରେ କହିଯାଇଥିଲେ ପାଞ୍ଚ ଦିନ ପରେ ଫେରିବେ । ହେଲେ ସେହି ଟେବଲ୍ ଉପରେ ହିଁ ହୃଦ୍‌ଘାତରେ ପରଲୋକ ହୋଇଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*


# ଗୋପବନ୍ଧୁ ଦୀନବନ୍ଧୁ



ବାଦଲ ଭୂୟାଁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ । ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ । ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ । ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝମ୍ପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷୀୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍‌ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଲାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି । ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ । ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ । ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି ।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ୱଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ



## ଲୋକାର୍ପିତ ହେଲା ଗାଳ୍ପିକା ଅର୍ଚ୍ଚନା ରଥଙ୍କ ଗଳ୍ପ ସଙ୍କଳନ 'ଅମୃତର ସନ୍ଧାନ' : ଜୀବନର ବାସ୍ତବ ଜଳଛବି ଆଙ୍କିଛନ୍ତି ଗାଳ୍ପିକା

ବାଲେଶ୍ୱର,(ପି.ଏନ): କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ସଭାଗୃହରେ ଗତକାଲି ସନ୍ଧ୍ୟାରେ ଗାଳ୍ପିକା ଅର୍ଚ୍ଚନା ରଥଙ୍କ ଦ୍ୱିତୀୟ ଗଳ୍ପ ପୁସ୍ତକ 'ଅମୃତର ସନ୍ଧାନ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗ ଦେଇ ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ପୁଷ୍ପଲତା ଦେବୀ ଓ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ଼. ସୁବାସ ଚନ୍ଦ୍ର ପାତ୍ର ମିଳିତ ଭାବରେ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହି ସଭାକୁ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ପୌରୋହିତ୍ୟରେ କରି କହିଥିଲେ, ଆଜି ମୁଁ କବି ବ୍ରଜନାଥ ରଥଙ୍କ ଉପସ୍ଥିତିକୁ ଏଠାରେ ଅନୁଭବ କରୁଛି। ମୋତେ ଲାଗୁଛି ସେ ଏଇଠି ରହି ତାଙ୍କ ପୁତ୍ରବଧୂ ଅର୍ଚ୍ଚନାଙ୍କୁ ଆଶୀର୍ବାଦ କରୁଛନ୍ତି। ଅନୁଷ୍ଠାନର ସଂପାଦକ ଡ଼କ୍ଟର ରତ୍ନାକର ସିଂହ ପ୍ରାକ୍ ସୂଚନା ଦେବା ଛଳରେ ଅର୍ଚ୍ଚନା ରଥଙ୍କ ଗଳ୍ପ ସଙ୍କଳନ ଏକ ସାର୍ଥକ ସୃଷ୍ଟି ବୋଲି କହିଥିଲେ। ଲେଖକୀୟ ଅଭିଭାଷଣ ପ୍ରଦାନ




କରି ଲେଖିକା ଅର୍ଚ୍ଚନା ରଥ କହିଲେ ଯେ ମୋ ଜୀବନରେ ମୁଁ ଯେଉଁ ଅନୁଭବ କରିଛି- ଯେଉଁ କଥା ବେଦନା ମୋତେ ବ୍ୟଥିତ କରିଛି ତାହାକୁ ମୁଁ ଗଳ୍ପ ମାଧ୍ୟମରେ ପ୍ରକାଶ କରିବାର ପ୍ରୟାସ କରିଛି। କବି କାଳିକିଙ୍କର ଦାସ ଓ ଡ଼କ୍ଟର ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ସମୀକ୍ଷା କରିଥିଲେ। ଶ୍ରୀ ଦାସ କହିଲେ ଯେ ଗାଳ୍ପିକା ଅର୍ଚ୍ଚନା ରଥଙ୍କର ପ୍ରତ୍ୟେକ ଗଳ୍ପ ଯେମିତି ଜୀବନର ବାସ୍ତବ ଜଳଛବି। ଅମୃତର ସନ୍ଧାନ, ସାବିତ୍ରୀ, ଯାହାକୁ ରଖିବେ ଅନନ୍ତ, ଅସମାହିତ ପ୍ରଶ୍ନ ଆଦି ଗଳ୍ପ ପାଠକଙ୍କ ଦରଦୀ ହୃଦୟକୁ ବିଗଳିତ କରେ। ଡକ୍ଟର ଶିରୀଶ ଚନ୍ଦ୍ର ଜେନା ଆଲୋଚନା କରିବାକୁ ଯାଇ କହିଲେ ଯେ ଅର୍ଚ୍ଚନାଙ୍କର ପ୍ରତ୍ୟେକ ଗଳ୍ପ ମନଛୁଆଁ ଓ ରସଗ୍ରାହୀ ପାଠକଙ୍କୁ କେବେହେଲେ ନିରାଶ କରିବ ନାହିଁ। 'ଅମୃତର ସନ୍ଧାନ' ନାମକରଣ ଖୁବ୍ ବାସ୍ତବ ଓ ପ୍ରେରଣାପ୍ରଦ ହୋଇଛି ବୋଲି ଶ୍ରୀ ଜେନା ମତପ୍ରକାଶ କରିଥିଲେ। ଏଥିରେ ବ୍ୟଙ୍ଗକବି ବ୍ରହ୍ମନାଥ ରଥ ମଂଚ ଆହ୍ୱାନ କରିଥିବା ବେଳେ ବହ୍ନିମାନ ରଥ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ବ୍ୟୋମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସହରର ବହୁ ବୁଦ୍ଧିଜୀବୀ ଲେଖକ ଲେଖିକା ଓ ସାମ୍ବାଦିକ ଯୋଗ ଦେଇଥିଲେ।

## ଷ୍ଟେଟବ୍ୟାଙ୍କ ପେନସନର୍ସଙ୍କ ସମସ୍ୟା ସମାଧାନ ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଷ୍ଟେଟବ୍ୟାଙ୍କ ଆ ଳିକ ବାଣିଜ୍ୟ କାର୍ଯ୍ୟାଳୟ, ପାରାଦୀପ ପକ୍ଷରୁ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମିଳନୀ କକ୍ଷରେ ଷ୍ଟେଟବ୍ୟାଙ୍କର ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ବୈଠକ ମଙ୍ଗଳବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଆ ଳିକ ବାଣିଜ୍ୟ କାର୍ଯ୍ୟାଳୟ ପାରାଦୀପର ମାନବସମ୍ବଳ ବିକାଶ ପରିଚାଳକ ସୁକାନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ, ଭୁବନେଶ୍ୱର ସର୍କଲର ଆ ଳିକ ସମ୍ପାଦକ ଗଣେଶ୍ୱର ମେକାପ ଏହି ବୈଠକକୁ ପରିଚାଳନା କରିବା ସହିତ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ମାନବ ସମ୍ବଳ ପରିଚାଳକ ଶ୍ରୀ ସାହୁ ସମସ୍ୟା ସମାଧାନର ପ୍ରତିଶୃତି ପ୍ରଦାନ



କରିଥିଲେ। ଦୀର୍ଘଦିନର ଦାବି କେନ୍ଦ୍ରାପଡାରେ ଷ୍ଟେଟବ୍ୟାଙ୍କ ଡିସପେନ୍ସାରୀ (ଚିକିତ୍ସା କେନ୍ଦ୍ର) ଖୋଲାଯାଉ ନଥିବାରୁ ବୈଠକରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ବୈଠକରେ ଏହି ଦାବିର ଅଗ୍ରଗତି ସମ୍ପର୍କରେ ଜଣାଇବାକୁ ବୈଠକରେ ଦାବି କରାଯାଇଥିଲା। ଏହି ବୈଠକରେ ପେନସନର୍ସ ସଙ୍ଘର କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ସ୍ୱାଧୀନ କୁମାର ଦାଶ, ଶରତ ମୁଦୁଲି, ଅତୁଲ ଚନ୍ଦ୍ର ଗିରି, ଦୁର୍ଯ୍ୟୋଧନ ସେଠୀ, ଗୋଲକ ବିହାରୀ ବେହେରା, ନିତ୍ୟାନନ୍ଦ ସେଠୀ, ବିଜୟ ନାୟକ, ସୁନାକର ଜେନା, ରାମଚନ୍ଦ୍ର ସେଠୀ, ହରିପଦ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜାନୁଆରୀ ପହିଲା ଦିନରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ); ଶିବାନନ୍ଦ ଆଶ୍ରମର ଶ୍ରୀମା ସ୍ୱାମି ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ୨୦୧୭ ମସିହା ରୁ ଜାନୁଆରୀ ପହିଲା ଦିନ କୁ 'ବିଶ୍ୱ ପ୍ରାଥନା ଦିବସ ପାଳନ କରିବାକୁ ଚେଷ୍ଟକରିଆସୁଛନ୍ତି, ବିଶ୍ୱର ଭିନ୍ନ ଭିନ୍ନ ଦିବସ ପାଳନ ହେଉଛି କିନ୍ତୁ ପ୍ରାର୍ଥନା ଦିବସ ପାଳନ ହୋଇ ପାରୁ ନାହିଁ, ସବୁ ପରିସ୍ଥିତି କୁ ଦୃଷ୍ଟି ରେ ରଖି ଶ୍ରୀମା ବିଶ୍ୱର ସବୁ ଧର୍ମାବଲମ୍ବି ମାନଙ୍କୁ ତଥା ସବୁ ସମ୍ପ୍ରଦାୟ ଓ ସମସ୍ତ ବିଶ୍ୱବାସୀ ନିବେଦନ ଓ ଅନୁରୋଧ କରି ଜାନୁୟାରୀ ପହିଲା ଦିନ କୁ ବିଶ୍ୱ ପ୍ରାଥନା ଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି, ପ୍ରାର୍ଥନା ର ଶକ୍ତି ଅସୀମ ଓ ଅମୋଘ କବଚ୍, ଆମେ ବିଶ୍ୱର ଶାନ୍ତି ପାଇଁ ଗୋଟିଏ ଦିନ ଗୋଟିଏ ମୁହୂର୍ତ୍ତ ରେ ସମସ୍ତେ ନିଜ ନିଜର ଉପାସ୍ୟ ଦେବତାଙ୍କୁ ନିଜ ଭାଷାରେ ନିଜ ଭାବରେ ପ୍ରାର୍ଥନା କରିବାକୁ ଆହ୍ୱାନ କରାଯାଉଛି, 'ସକଳେ ହୋଇ ଏକ ମୁଖ ଡାକିବା ନାରାୟଣ ରଖ 'ଏକ ସଙ୍ଗେ ପ୍ରାର୍ଥନା କଲେ ଆମ ଚ଼ାରିକଡେ ଆଦ୍ୟାତ୍ମିକ ବଳୟ ସୃଷ୍ଟି ହୋଇ ସମସ୍ତଙ୍କୁ ସବୁ ବିପଦ ରୁ ରକ୍ଷା କରିବ, ଆଜିର ଏହି ପ୍ରସ୍ତୁତି ବୈଠକ ରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ନିର୍ମଳ ବାବୁ ଆର୍ଯ୍ୟ ସମାଜ ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମା ଆଦିଶକ୍ତି ଟ୍ରଷ୍ଟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚ଼ାରକ ଡ଼ ନାରାୟଣ ମହାପାତ୍ର, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚ଼ରକ ତ୍ରିଲୋଚ଼ନ ନାୟକ, ଶ୍ରୀଧର ସ୍ୱାମୀ ଟ୍ରଷ୍ଟ ର ପ୍ରଦୀପ ମହାନ୍ତି, ବୈରାଗ ମିଶନ ର କୁଳମଣି ରାଉତ ଶିକ୍ଷବିତ ଡ଼ ବିଜୟ ସ୍ୱାଇଁ ନିରଞ୍ଜନ ପଣ୍ଡା ଓ ଦିବ୍ୟ ଜୀବନ ସଙ୍ଘ ର ସମ୍ପାଦକ ରମେଶ ଚ଼ନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚ଼ନା ରେ ଭାଗ ନେଇଥିଲେ ଏହି ବୈଠକ କୁ ସମାଜସେବୀ ଶ୍ରୀ ମନୋରଞ୍ଜନ ମହାନ୍ତି ପରିଚ଼ାଳନା କରିଥିଲେ,ସଭା ଶେଷରେ ଦିବ୍ୟ ଜୀବନ ସଙ୍ଘ ର ପ୍ରମୁଖ ଶ୍ରୀ ରାଧାଶ୍ୟାମ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ, ପରେ ପରେ ଶ୍ରୀମା ଙ୍କ ଦ୍ୱାରା ଶାନ୍ତି ପାଠ ହୋଇ ସଭା ସାଙ୍ଗ କରାଯାଇ ଥିଲା।

## ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ନେଇ କେନ୍ଦ୍ରାପଡା ଏସଡିପିଓଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ନେଇ କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମର ପ୍ରଶାନ୍ତ ମହାନ୍ତି କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ଗତ ୧୦ତାରିଖ ଅପରାହ୍ନ ୨ଟାରେ ପୂର୍ବ ବିବାଦକୁ ନେଇ ସେହି ଗ୍ରାମର କେତେକ ଅସାମାଜିକ ବ୍ୟକ୍ତି ପ୍ରଶାନ୍ତଙ୍କୁ ତାଙ୍କ ଘର ସମ୍ମୁଖରେ ଠେଙ୍ଗାରେ ପିଟିବା ସହ ତାଙ୍କ ଉପରକୁ ଇଟା ଫୋପାଡି ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କୁ ଗୁରୁ ର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ି କରାଯାଇଥିଲା। ଏହି ଆକ୍ରମଣରେ ପ୍ରଶାନ୍ତଙ୍କ ମୁଣ୍ଡ ଫାଟିଯିବା ସହ ବାମହାତଟି ଭାଙ୍ଗି ଯାଇଥିଲା। ତେଣୁ ଏନେଇ ପ୍ରଶାନ୍ତଙ୍କ ଭଉଣୀ ସସ୍ମିତା ମହାନ୍ତି ସେହି ଦିନ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭି ିକରି ତନ୍ତିଆପାଳ ସାମୁଦ୍ରିକ ଥାନା ୧୬୦/୨୦୨୪ରେ ଭାରତୀୟ ନ୍ୟାୟ ସଂହିତାର ୧୨୬(୨), ୨୯୬, ୧୧୫(୨), ୩୫୧(୨), ୧୧୭(୨), ୧୨୫, ୧୨୫(କ) ଓ ୩(୫) ଦଫାରେ ମାମଲା ରୁଜୁ କରିଥିଲା। ଡାକ୍ତରଖାନାରେ ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ହେବା ପରେ ମଙ୍ଗଳବାର ପ୍ରଶାନ୍ତ କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ



ଅଧୀକାରୀ ଶ୍ରୀ ମଲ୍ଲିକଙ୍କୁ ଭେଟି ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରୁନଥିବାରୁ ସେମାନେ ପ୍ରଶାନ୍ତଙ୍କ ପରିବାର ପରିଜନଙ୍କୁ ଜୀବନରୁ ମାରି ଶେଷ କରିଦେବାକୁ ଧମକ ଦେଉଥିବା ଅଭିଯୋଗ କରିଥିଲେ। ଏସମ୍ପର୍କରେ ପୂର୍ବରୁ ପ୍ରଶାନ୍ତ ତନ୍ତିଆପାଳ ଥାନା ଅଧିକାରୀଙ୍କୁ ଭେଟି ଜଣାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିବେଦନ କରିଥିଲେ ବି ଥାନାଧିକାରୀ ସେମାନଙ୍କୁ ଗିରଫ କରିବେ ନାହିଁ ବୋଲି ରୋକଠୋକ ମନାକରିଦେଇଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇନାହିଁ। କେନ୍ଦ୍ରାପଡା ଉପଖଣ୍ଡ ଆରକ୍ଷୀ ଅଧୀକାରୀ ଶ୍ରୀ ମଲ୍ଲିକଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ଥାନା ଅଧିକାରୀଙ୍କୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମୋଦୀ-ଶାହାଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରିବ ଯୁବ କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଓଡ଼ିଶାଗସ୍ତ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସଂପର୍କିତ ନୁହେଁ। ସର୍ବଭାରତୀୟ ନିରାପତ୍ତା କନଫରେନସ୍‌ର ତିନିଦିନିଆ ବୈଠକରେ ଏମାନେ ଯୋଗଦେବେ। ଏଣୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଗସ୍ତରେ ଓଡ଼ିଶାର କୌଣସି ପ୍ରକାର ଲାଭବାନ ହେବାର ଯୋଜନା ନାହିଁ। ଯେତେବେଳେ ଓଡ଼ିଶାର ଆଦିବାସୀ ଖାଦ୍ୟ ବିକଳରେ ଆମ୍ବ ଟାକୁଆ ଖାଇ ମରୁଛନ୍ତି। ଓଡ଼ିଶାର ବେକାର ଯୁବକ ଉତ୍କଟ ବେକାରୀରେ ହନ୍ତସନ୍ତ ହେଉଛନ୍ତି। ଅପରାଧ ଘଟଣା ଅନିୟନ୍ତ୍ରିତ ହୋଇପଡ଼ିଛି। ଚାଷୀମାନେ ଋଣ ବୋଝରେ ହନ୍ତସନ୍ତ ହେଉଛନ୍ତି। ସେତେବେଳେ ପ୍ରଧାନମନ୍ତ୍ରୀ ଓ



ଗୃହମନ୍ତ୍ରୀଙ୍କ ବ୍ୟୟ ବହୁଳ ଓଡ଼ିଶାଗସ୍ତ ଓଡ଼ିଶାବାସୀଙ୍କ ପାଇଁ ନିରର୍ଥକ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରିୟମିତ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟୀକ ଅଭିବୃଦ୍ଧି ପାଇଁ ଓଡ଼ିଶା ଗସ୍ତ କରୁଛନ୍ତି। କିପରି ଅମୂଲ୍ୟ ଗନ୍ଧମାର୍ଦ୍ଦନ ପର୍ବତକୁ ଆଦାନୀ ହାତରେ ଟେକିଦେବେ ତା'ର ଯୋଜନା ପ୍ରସ୍ତୁତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରେ ତ ଆଦାନୀ ଜମି କ୍ରୟ କରିସାରିଲାଣି। ଗନ୍ଧମାର୍ଦ୍ଦନ ଓଡ଼ିଶାର ଗର୍ବଗୌରବ ଓ ଏହା ପୁରାଣର ଏକ ପବିତ୍ର ସ୍ଥାନ। ସୁତରାଂ ମୋଦୀଙ୍କର ଏହି ଷଡଯନ୍ତ୍ରକୁ ଯୁବ କଂଗ୍ରେସର ସଫଳ ହେବାକୁ ଦେବନି। ଏଣୁ ମୋଦୀ-ଶାହାଙ୍କ ଗସ୍ତକୁ ଯୁବ କଂଗ୍ରେସ ବିରୋଧ କରୁଛି ବୋଲି ପ୍ରଦେଶ ଯୁବ କଂଗ୍ରେସ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ସୁଦୀପ କୁମାର ସାମଲ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray